■ ଗୃହରେ ବିଜେଡିର ଶାଣିତ ଆକ୍ରମଣ

# 'ଡବଲ ଇଞ୍ଜିନ୍'ରେ ପେଷି ହୋଇଗଲେଣି ଓଡ଼ିଶାବାସୀ

ଭୁବନେଶ୍ୱର,୨୯।୩(ସମିସ): ଗୋଟିଏ ପଟେ ରାଜ୍ୟ ସରକାର ହାତୀ ଭଳି ବଜେଟ ଆଣୁଛନ୍ତି, ପିମ୍ପୁଡ଼ି ଭଳି ଖର୍ଚ୍ଚ କରୁଛନ୍ତି; ସେପଟେ ଟିଡିପି-ଜେଡିୟୁ ପିଲର ଉପରେ କେନ୍ଦ୍ର ସରକାର ଛିଡ଼ା ହୋଇଛନ୍ତି। ଓଡ଼ିଶାରେ ଅଭିବୃଦ୍ଧି କମୁଛି, ଋଣ ଭାର ବଢୁଛି। ଡଲାର୍ ତୁଳନାରେ ଟଙ୍କା ଦୁର୍ବଳ ହୋଇ ଚାଲିଛି। ଆମେରିକାରୁ ଭାରତୀୟଙ୍କୁ ହାତରେ କଡ଼ି ଗୋଡ଼ରେ ବେଡ଼ି ପକାଇ ଭାରତକୁ ପଠାଉଛନ୍ତି। ସାରା ଦେଶରେ

■ କୁଆଡ଼େ ଗଲା ଏତେ ଘଟଣାର ତଦନ୍ତ ରିପୋର୍ଟ?
■ ଦରଦାମ ମହାକାଶ ଛୁଆଁ ହେଲାଣି
■ ରାଜ୍ୟ ସ୍ୱାର୍ଥ କଥା ଗୃହରେ ଆଲୋଚନା କରାଯାଉନି

ଅସ୍ଥିରତାର ବାତାବରଣ। ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଛି, ଅପରାଧୀଙ୍କ ରାଜୁତି ଚାଲିଛି। କେନ୍ଦ୍ର ସରକାର ଓଡ଼ିଶାର ଅଧିକାର ମାରିବାରେ ଅବହେଳା କରୁନାହାନ୍ତି। ଆଜି ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ଆରମ୍ଭ କରି ଏପରି ଭାବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଆକ୍ରମଣ କରିଥିଲେ ବିଜେଡିର ବରିଷ୍ଠ ବିଧାୟକ ଅରୁଣ କୁମାର ସାହୁ।

ସେ କହିଥିଲେ ଯେ ସାରା ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦାମ୍ ଆକାଶ ଛୁଆଁ ନୁହେଁ, ମହାକାଶ ଛୁଆଁ ହେଲାଣି। ଯୁବପିଢ଼ି ବେକାରୀ ନାଗ ଫାଶରେ କବଳିତ। ପୁଳାପୁଳା ଚାକିରି ଦେବେ କହିଥିଲେ, କୁଆଡ଼େ ଗଲା? ରଥଯାତ୍ରାରେ ମହାପ୍ରଭୁ ତଳେ ପଡିଯିବା, ଚିକିଟି ମଦ ମୃତ୍ୟୁ, ଏଏସ୍ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା, ଭରତପୁର ଥାନା ନିର୍ଯାତନା, ବାରବାଟି ଫ୍ଲଡ୍ ଲାଇଟ୍ ବନ୍ଦ ହେବା, ମାଣ୍ଡିପଙ୍କା ମୃତ୍ୟୁ ଘଟଣାର ରିପୋର୍ଟ ଆସିଲା ନାହିଁ। ରତ୍ନଭଣ୍ଡାର ଅଳଙ୍କାର ଗଣତି ହେଲନି କି ତାଲିକା ସାର୍ବଜନୀନ ହେଲା ନାହିଁ। ମହାନଦୀ ବିବାଦ ସମାଧାନ ଓ ଦାଦନ ଚାଲାଣ ରୋକିବା ପାଇଁ ଗଠିତ ମନ୍ତ୍ରୀ ସ୍ତରୀୟ କମିଟି କ'ଣ କରୁଛନ୍ତି କାହାକୁ ଜଣାନାହିଁ। ନିର୍ବାଚନ ବେଳେ ବହୁତ ତଦନ୍ତ କଥା କହିଲେ, କୁଆଡ଼େ ଗଲା ସବୁ? ଧାନ କିଣାରେ କଟନୀ ଛଟନୀ ହେବନି ବୋଲି କହିଲେ, କିନ୍ତୁ କ୍ୱିଣ୍ଟାଲ ପିଛା ୯ ରୁ ୧୨ କିଲୋ କାଟିନେଲେ। ସମସ୍ତଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବା କଥା କହିଲେ, କିନ୍ତୁ କଥା ରଖିଲେନି। ବିଶାଳ ବଜେଟ ଆଣୁଛନ୍ତି, କିନ୍ତୁ ଗରିବ ଲୋକଙ୍କ ପାଇଁ ଟଙ୍କା ନାହିଁ। ବୋଧହୁଏ ନିର୍ବାଚନ ବେଳେ ବଜେଟରେ ଏଥିପାଇଁ ବ୍ୟବସ୍ଥା କରିବେ ବୋଲି ଡ଼ ସାହୁ କଟାକ୍ଷ କରିଥିଲେ।

ସେ ଆହୁରି କହିଥିଲେ, ରାଜ୍ୟରେ ଚୋରା ବନ୍ଧୁକ କାରବାର ଆରମ୍ଭ ହେଲାଣି, ବିଧାନସଭାରେ ବିଧାୟକଙ୍କ କଲର୍ ଧରି ମାଡ଼ ମରାଇଲେ। ବିଜେପି ସରକାର ଆସିବା ପରେ ରାଜ୍ୟରେ କ୍ରାଇମ୍ ଟୁରିଜମ୍ ଆରମ୍ଭ ହୋଇଛି। ପୁଲିର ମନୋବଳ ଭାଙ୍ଗୁଛି। ଓଡ଼ିଶାରୁ ୱାଲଟିୟର୍ ରେଳ ଡିଭିଜନ୍ କାଢ଼ି ନେବା ପାଇଁ ଆନ୍ଧ୍ର ସରକାର ବିଧାନସଭାରେ ସଂକଳ୍ପ ଆଣିଲେ। ଓଡ଼ିଶାର ଯେଉଁ ସବୁ ଅଞ୍ଚଳ ବାହାର ରେଳ ଜୋନ୍‌ରେ ଅଛି ସେଗୁଡିକୁ ପୂର୍ବତଟ ରେଳପଥରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଗୃହରେ ସଂକଳ୍ପ ଆଣନ୍ତୁ ବୋଲି ଡ. ସାହୁ ଆହ୍ୱାନ ଦେଇଥିଲେ।

## ବ୍ୟୟମଞ୍ଜୁରୀ ବିଧେୟକ ପାରିତ

# ୭ ମାସରେ ବଢ଼ିଛି ୧୧୧୬୭ କୋଟିର ଋଣଭାର

ଭୁବନେଶ୍ୱର,୨୯।୩(ସମିସ): ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଗତ ବଜେଟ ଏକ ସମାବେଶୀ, ବିକାଶୋନ୍ମୁଖୀ ଏବଂ ସମ୍ବେଦନଶୀଳ ବଜେଟ। ଏହି ବଜେଟ ଏକ ଆନୁମାନିକ ଆକଳନ। ବଜେଟ ବାହାରେ ମଧ୍ୟ ଅନେକ ବିକାଶମୂଳକ କାର୍ଯ୍ୟ ହୋଇପାରିବ। ଏଥିପାଇଁ ଟଙ୍କାର ଅଭାବ ରହିବ ନାହିଁ। ଏହି ବଜେଟର ପ୍ରାବଧାନ କରାଯାଇଥିବା ପ୍ରତ୍ୟେକ ଟଙ୍କା ସ୍ୱଚ୍ଛ ଓ ପାରଦର୍ଶୀ ଭାବେ ଖର୍ଚ୍ଚ ହେବ ବୋଲି ବଜେଟ ବାବଦକୁ ଆଗତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନାରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଉତ୍ତର ରଖିବା ବେଳେ ମୁଖ୍ୟମନ୍ତ୍ରୀ ରାଜ୍ୟର ୪ଟି ଜିଲ୍ଲାରେ ମେଡିକାଲ କଲେଜ ୨୦୨୫-୨୬ ଆର୍ଥିକ ବର୍ଷରେ କାର୍ଯ୍ୟ ଆରମ୍ଭ ହେବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଉକ୍ତ ୪ ଜିଲ୍ଲା ହେଲା ଭଦ୍ରକ, ଜଗତସିଂହପୁର, ନବରଙ୍ଗପୁର ଓ ଢେଙ୍କାନାଳ। ସେହିପରି ୪ଟି ସ୍ଥାନରେ ଯଥା ସମ୍ବଲପୁରର ବୁର୍ଲା, ଗଞ୍ଜାମର ବ୍ରହ୍ମପୁର, କେନ୍ଦୁଝର ଓ ବଲାଙ୍ଗୀରରେ ଡେଣ୍ଟାଲ କଲେଜର କାର୍ଯ୍ୟ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।



■ ୪ ଜିଲ୍ଲାରେ ଆରମ୍ଭ ହେବ ମେଡିକାଲ କଲେଜ କାମ
■ କକ୍ଷ ତ୍ୟାଗ କଲେ ବିରୋଧୀ

ଆଲୋଚନାରେ ଉତ୍ତର ରଖିବା ବେଳେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଆଚାର ସଂହିତା ଏବଂ ସମୟର ସ୍ୱଳ୍ପତା ସତ୍ତ୍ୱେ ୨୦୨୫ ମାର୍ଚ୍ଚ ୨୧ ତାରିଖ ସୁଦ୍ଧା ଆମେ ବଜେଟ ଆକଳନର ପ୍ରାୟ ୭୮ ପ୍ରତିଶତ ଅର୍ଥ ବିନିଯୋଗ କରିବାରେ ଆମେ ସକ୍ଷମ ହୋଇଛୁ। ମାର୍ଚ୍ଚ ୨୧ ତାରିଖ ସୁଦ୍ଧା ୮ ଗୋଟି ବିଭାଗ ୯୦ ପ୍ରତିଶତରୁ ଅଧିକ ଏବଂ ଆଉ ୮ ଗୋଟି ବିଭାଗ ୮୦ ପ୍ରତିଶତରୁ ଅଧିକ କାର୍ଯ୍ୟକ୍ରମ ବ୍ୟୟ ହାସଲ କରିସାରିଛନ୍ତି। ଡବଲ ଇଞ୍ଜିନ ସରକାର ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟାପ୍ତ ପୁଞ୍ଜିନିବେଶ ପାଇଁ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ପାଇଁ ୭୩ ହଜାର କୋଟି ଟଙ୍କାର ଅନେକ ନୂତନ ରେଳ ପ୍ରକଳ୍ପ ମଞ୍ଜୁର କରିବା ତଥା ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିବା ପାଇଁ, ଆମ ରାଜ୍ୟ ନିମନ୍ତେ କେନ୍ଦ୍ର ବଜେଟରେ ସର୍ବାଧିକ ୧୦ ହଜାର ୫ ଶହ ୯୯ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏଥିସହିତ, ମୋହନାରୁ କୋରାପୁଟ, ମଙ୍ଗଳପୁରରୁ ଆରେଡି, ନୂଆପଡ଼ାରୁ ଘାଟିପଡ଼ା, କୋକସରାରୁ ନବରଙ୍ଗପୁର ଆଦି ଜାତୀୟ ରାଜପଥଗୁଡ଼ିକର ପ୍ରଶସ୍ତୀକରଣ ଓ ମଜଭୁତ କରିବା ପାଇଁ ୩ ହଜାର ୪ ଶହ ୮ କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପ ମଞ୍ଜୁର ମଧ୍ୟ ହୋଇଛି। ସେହିପରି ଋଣଭାଗ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପରିସଂଖ୍ୟାନ ଅନୁସାରେ ଆର୍ଥିକ ବର୍ଷ ୨୦୨୩-୨୪ ଶେଷରେ ଋଣ ଭାର ଥିଲା ୯୬ ହଜାର ୩ ଶହ ୧୦ କୋଟି ଟଙ୍କା ଏବଂ ଗତ ଫେବୃଆରୀ ଶେଷରେ ଏହା ୧ ଲକ୍ଷ ୭ ହଜାର ୪ ଶହ ୭୭ କୋଟି ଟଙ୍କା ରହିଛି। ଅର୍ଥାତ୍ ୭ ମାସରେ ଋଣ ଭାର ମାତ୍ର ୧୧ ହଜାର ୧୬୭ କୋଟି ଟଙ୍କା ବଢ଼ିଛି। ଆମେ ଏହି ଅବଧି ମଧ୍ୟରେ ୨୩ ହଜାର ୮ ସହ ୮୪ କୋଟି ଟଙ୍କା ଋଣ କରିଛୁ ଏବଂ ୧୨ ହଜାର ୭ ଶହ ୧୭ କୋଟି ଟଙ୍କାର ଋଣ ପରିଶୋଧ କରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ବିଜେଡି ସଦସ୍ୟ କକ୍ଷତ୍ୟାଗ କରିଥିଲେ। ଏହାସହ ବ୍ୟୟମଞ୍ଜୁରୀ ବିଧେୟକ ପାରିତ ହୋଇଥିଲା।



ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି

■ ବରିଷ୍ଠ ଓଏଏସ୍‌ଙ୍କ ବଦଳି

# ମୃଣାଳକାନ୍ତି ସିଏଚ୍ଏସ୍‌ଇ ଅଧ୍ୟକ୍ଷ

ଭୁବନେଶ୍ୱର,୨୯।୩(ସମିସ): ବରିଷ୍ଠ ଓଏଏସ୍ ସ୍ତରରେ ଆଜି ଅଦଳବଦଳ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅତିରିକ୍ତ ନିର୍ଦ୍ଦେଶକ ମୃଣାଳକାନ୍ତି ଦାସଙ୍କୁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ବୋର୍ଡ ଅଫ୍ ରେଭିନ୍ୟୁ, କଟକରେ ସ୍ୱତନ୍ତ୍ର ସଚିବ ଥିବା ବିରେନ୍ଦ୍ର କୋରକରା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ବଦଳି ହୋଇଥିବା ବେଳେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଥିବା ମନୋରଞ୍ଜନ ମଲ୍ଲିକ ସାଧାରଣ ପ୍ରଶାସନ ବିଭାଗରେ ସ୍ୱତନ୍ତ୍ର ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ଅନୁଜ କୁମାର ଦାସ ପଟ୍ଟନାୟକ ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ନୋଡାଲ ଅଧିକାରୀ ଦାୟିତ୍ୱ ପାଇଛନ୍ତି। ସେହିପରି ଝାରସୁଗୁଡ଼ା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ ଭୁବନେଶ୍ୱର ଅତିରିକ୍ତ ରିଭିଜିନାଲ କୋର୍ଟରେ ଅତିରକ୍ତ କମିଶନର, ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ଜସ୍ମିନ୍ ପଟ୍ଟନାୟକ ଓସେପା ଯୁଗ୍ମ ନିର୍ଦ୍ଦେଶକ, କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ଯାଜପୁର ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡ଼ା ତହସିଲଦାର ତାପସ ରଞ୍ଜନ ଦେହୁରୀ ଯାଜପୁର ଉପ-ଜିଲ୍ଲାପାଳ ଏବଂ ଯାଜପୁର ମେଡିକାଲର ପ୍ରଶାସନିକ ଅଧିକାରୀ ସାଇସ୍ମିତା ଉପାଧ୍ୟାୟ ପୁସ୍ତକ ପ୍ରକାଶନରେ କାର୍ମିକ ଅଧିକାରୀ ଭାବେ ବଦଳି ହୋଇଛନ୍ତି।

■ ସୁଭଦ୍ରା ଯୋଜନା ପ୍ରଚାର ଓ କାର୍ଯ୍ୟକ୍ରମ ଆୟୋଜନ ପାଇଁ ୩୦ କୋଟି ଖର୍ଚ୍ଚ

# ଦ୍ୱିତୀୟ କିସ୍ତିରୁ ୧୮୩୭୮୫ ଯୋଗ୍ୟ ମହିଳା ବଞ୍ଚିତ

ଭୁବନେଶ୍ୱର,୨୯।୩(ସମିସ): ସୁଭଦ୍ରା ଯୋଜନାର ପ୍ରଚାର, ଅର୍ଥ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସରକାର ୩୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କଲେଣି। ବିଜେଡି ବିଧାୟିକା ସୁବାସିନୀ ଜେନାଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଏହା ଜଣାଇଛନ୍ତି ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ସୁଭଦ୍ରା ଯୋଜନାର ପ୍ରଚାରପ୍ରସାର ଓ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସରକାରୀ ତହବିଲରୁ ୩୦,୯୬,୮୪,୪୮୩ ଟଙ୍କା ଖର୍ଚ୍ଚ ହେଲାଣି। ବିଧାୟକ ସୌଭିକ ବିଶ୍ୱାଳଙ୍କ ପ୍ରଶ୍ନରେ ଶ୍ରୀମତୀ ପରିଡ଼ା କହିଛନ୍ତି, ତୃତୀୟ ଲିଙ୍ଗ ଅବା କିନ୍ନରମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ ପାଇଁ କୌଣସି ପ୍ରାବଧାନ ନାହିଁ। ବିଧାୟକ ମନୋହର ରନ୍ଧାରୀଙ୍କ ପ୍ରଶ୍ନରେ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତିରେ ୧୦୦୬୫୮୭୭ ଜଣ ହିତାଧିକାରୀଙ୍କୁ ୫୦୩୨ କୋଟି ୯୩ଲକ୍ଷ ୮୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଦ୍ୱିତୀୟ କିସ୍ତିରେ ୯୮, ୮୨,୦୯୨ ଜଣ ହିତାଧିକାରୀଙ୍କୁ ୪୯୪୧କୋଟି ୪ଲକ୍ଷ ୬୦ ହଜାର ଟଙ୍କା ଦିଆଯାଇଛି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ। ଯେଉଁ ମହିଳା ୨ଟି କିସ୍ତି ପାଇବା ପରେ ୫୯ବର୍ଷ ସମ୍ପୂର୍ଣ୍ଣ କରୁଛନ୍ତି, ସେମାନେ ୬୦ ବର୍ଷ ହେବା ପର୍ଯ୍ୟନ୍ତ ଟଙ୍କା ପାଇବେ।

# ଗୋପାଳ ମହାପାତ୍ରଙ୍କୁ ଓରେରା ଅଧ୍ୟକ୍ଷ ଦାୟିତ୍ୱ

ଭୁବନେଶ୍ୱର,୨୯।୩ (ସମିସ): ଗୋପାଳ ଚନ୍ଦ୍ର ମହାପାତ୍ରଙ୍କୁ ଓରେରା ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସିଦ୍ଧାର୍ଥ ଦାସ ଅଧ୍ୟକ୍ଷ ପଦବୀ ଛାଡ଼ିବା ପରେ ରାଜ୍ୟ ସରକାର ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ଓରେରାର ନୂତନ ଅଧ୍ୟକ୍ଷ ଚୟନ ନ ହେବା ପର୍ଯ୍ୟନ୍ତ କିମ୍ବା ଅନ୍ୟ କୌଣସି ନିର୍ଦ୍ଦେଶ ଜାରି ନହେବା ପର୍ଯ୍ୟନ୍ତ ସେ ଏହି ପଦବୀରେ ଅବସ୍ଥାପିତ ହେବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଗୋପାଳ ଚନ୍ଦ୍ର ମହାପାତ୍ର ୨୦୨୩ ମସିହାରେ ଓରେରା ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଜିଲ୍ଲା ଜଜ୍ କୋର୍ଟର ଅବସରପ୍ରାପ୍ତ ବିଚାରପତି ଅଟନ୍ତି।

## ଗୃହରେ ସୈନିକ ସ୍କୁଲ ସ୍ଥାନାନ୍ତର ପ୍ରସଙ୍ଗ

# ଷଡ଼ଯନ୍ତ୍ର ହେଲେ ବରଦାସ୍ତ କରିବୁନି

ଭୁବନେଶ୍ୱର,୨୯।୩(ସମିସ): ସୈନିକ ସ୍କୁଲ ସ୍ଥାନାନ୍ତର ହେବା ଜରୁରୀ। କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ପ୍ରସ୍ତାବ ଦିଆଯାଇଛି। ତେବେ ଏହା ଉପରେ ପ୍ରତିରକ୍ଷା ମନ୍ତ୍ରାଳୟ ଓ ସୈନିକ ସ୍କୁଲ କର୍ତ୍ତୃପକ୍ଷ ଯେଉଁ ନିଷ୍ପତ୍ତି ନେବେ, ତାହା ଚୂଡ଼ାନ୍ତ ହେବ ବୋଲି କହିଛନ୍ତି ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଆଜି ବିଧାନସଭାର ପ୍ରଶ୍ନକାଳରେ ବିଜେପି ବିଧାୟକ ତଥା ସୈନିକ ସ୍କୁଲର ପୂର୍ବତନ ଛାତ୍ର ଡ. ଫକିର ମୋହନ ନାଏକ ଏହି ପ୍ରସଙ୍ଗ ଉତ୍ଥାପନ କରି କହିଥିଲେ ଯେ ସୈନିକ ସ୍କୁଲ ସ୍ଥାନାନ୍ତର କରା ନଯାଇ ସେଠାରେ ଏକ ଫ୍ଲାଏଓଭର ନିର୍ମାଣ କରାଯାଉ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ, ସୈନିକ ସ୍କୁଲ ଭିତରେ ରାସ୍ତା ନେବା କିମ୍ବା ଫ୍ଲାଏଓଭର ନିର୍ମାଣ କରିବା ସମ୍ଭାବନା ନାହିଁ। ସୈନିକ ସ୍କୁଲ ପ୍ରତିଷ୍ଠା ସମୟରେ ସରକାର ୧୬୨ଏକର ଜମି ଯୋଗାଇ ଦେଇଥିଲେ। ସେତେବେଳେ ସହର ବଢ଼ିନଥିଲା। କିନ୍ତୁ ଏବେ ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ରାସ୍ତା ସଂଯୋଗ କରିବାର ଆବଶ୍ୟକତା ଅଛି। ସେଥିପାଇଁ ସୈନିକ ସ୍କୁଲକୁ ଶରଧାପୁରଠାରେ ଥିବା ଆଇଟିବିପି ସେଣ୍ଟର ନିକଟରେ ୨୦୦ ଏକର ଜମିକୁ ସ୍ଥାନାନ୍ତର ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିରେ ରାଜ୍ୟ ସରକାର କିଛି ଜୋରଜବରଦସ୍ତି କରୁନାହାନ୍ତି। ଏ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରାଳୟ ଓ ସୈନିକ ସ୍କୁଲ ଯେଉଁ ନିଷ୍ପତ୍ତି ନେବ ତାହା କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ କହିଥିଲେ।

ପ୍ରତିରକ୍ଷା ମନ୍ତ୍ରାଳୟ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ: ମନ୍ତ୍ରୀ

ଗୃହ ବାହାରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ମୁଁ ଏବଂ ଅନ୍ୟ ଦୁଇ ବିଧାୟକ ଫକିର ନାଏକ ଏବଂ ଦିବ୍ୟଶଙ୍କର ମିଶ୍ର ସୈନିକ ସ୍କୁଲରେ ପାଠ ପଢ଼ିଛୁ। ସ୍ୱର୍ଗତ ବିଜୁ ବାବୁ ସୈନିକ ସ୍କୁଲ ପ୍ରତିଷ୍ଠା କରିଥିଲେ। ଏହାର ଇତିହାସ କାହିଁରେ କ'ଣ। ଭାରତୀୟ ସ୍ଥଳ ସେନା, ବାୟୁ ସେନା ଓ ନୌସେନାରେ ବରିଷ୍ଠ ଅଧିକାରୀ ଥିବା ଏଠାରୁ ଶିକ୍ଷାଲାଭ କରିଛନ୍ତି। ଭୁବନେଶ୍ୱର ଭିତରେ ବହୁ ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ ଅଛି ସେଗୁଡ଼ିକୁ ସ୍ଥାନାନ୍ତର କରାଯାଉନାହିଁ। ସୈନିକ ସ୍କୁଲକୁ କାହିଁକି ଉଠାଇ ନିଆଯାଉଛି? ସମ୍ପ୍ରସାରଣ କରିବାର ଅଛି ଯଦି ଦ୍ୱିତୀୟ କ୍ୟାମ୍ପସ୍ ନିର୍ମାଣ କରାଯାଉ। ଏହା ବିରୋଧରେ ଷଡ଼ଯନ୍ତ୍ର ହେଲେ ଆମେ ବରଦାସ୍ତ କରିବୁ ନାହିଁ ବୋଲି ଶ୍ରୀ ସ୍ୱାଇଁ କହିଥିଲେ।

■ ରାଜ୍ୟରେ ଏସ୍‌ଟି/ଏସ୍‌ସି ନିର୍ଯାତନା ମାମଲା

# ଏସ୍‌ପି, ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୩(ସମିସ): ଓଡ଼ିଶାରେ ଏସ୍‌ଟି/ଏସ୍‌ସି ସମାଜ ଉପରେ ବୃଦ୍ଧି ପାଉଥିବା ଅତ୍ୟାଚାରଜନିତ ମାମଲା ବିରୋଧରେ ଓଏଚ୍ଆରସି କଡ଼ା ପଦେକ୍ଷପ ନେଇଛନ୍ତି। ସବୁ ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍‌ପିମାନଙ୍କୁ ଏ ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟ ଦ୍ୱାରା ରାଜ୍ୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରଯାଇଥିଲା। କମିସନର ଅଧ୍ୟକ୍ଷ ଜଷ୍ଟିସ୍ ଏସ୍. ପୂଜାହାରୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଏହି ପଦକ୍ଷେପ ନେଇଛନ୍ତି। ପରବର୍ତ୍ତୀ ଶୁଣାଣି ମେ' ୨୯ ତାରିଖରେ ହେବ।

■ କୋଟିଆରେ ଆନ୍ଧ୍ରର ଦାଦାଗିରି

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର, ୨୯ ।୩(ସମିସ): କୋରାପୁଟ ଜିଲ୍ଲା କୋଟିଆରେ ଆନ୍ଧ୍ର ସରକାରଙ୍କ ଅଧିକାରୀ, ଆନ୍ଧ୍ରର ବିଭିନ୍ନ ରାଜନୈତିକ ଦଳ ଅନୁପ୍ରବେଶ କରି ସେଠାର ଅଧିବାସୀମାନଙ୍କୁ ଆନ୍ଧ୍ର ସପକ୍ଷରେ ଆକର୍ଷିତ କରିବାକୁ ଉଦ୍ୟମ କରୁଛନ୍ତି। ୨ଦିନ ତଳେ କୋଟିଆର ନେରେଡିଭାଲସା ଗ୍ରାମରେ ଆନ୍ଧ୍ର ଅଧିକାରୀମାନେ ଅନୁପ୍ରବେଶ କରି ଗ୍ରାମବାସୀମାନଙ୍କର ଆଧାରକାର୍ଡ ନବୀକରଣ କରିବା, ସେମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ଶିବିର ପକେଇ କାମ କରିଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନ ଏସବୁ ଜାଣି ମଧ୍ୟ ନିରବ ରହିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ତୁରନ୍ତ ପଦକ୍ଷେପ ନେବାକୁ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଆବଶ୍ୟକ ହେଲେ, ଏ ଦିଗରେ କେନ୍ଦ୍ର ଗୃହମନ୍ତ୍ରୀଙ୍କର ହସ୍ତକ୍ଷେପ ଦାବି କରି ଏକ ତ୍ରିପାକ୍ଷିକ ଆଲୋଚନା ଜରିଆରେ ଏହାର ସମାଧାନ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ଦାବି କରାଯାଇଛି।

# ଆଦିବାସୀ ଜ୍ଞାନକୌଶଳର ପୁନରୁଦ୍ଧାର ପାଇଁ ସ୍ୱଦେଶୀ ଯାତ୍ରା



ଭୁବନେଶ୍ୱର, ୨୯ ।୩(ସମିସ): ଲୋପ ପାଇଯାଉଥିବା ଆଦିବାସୀ କୃଷି ପ୍ରଣାଳୀ, ପୋଷଣ ଏବଂ ଚିକିତ୍ସା ପଦ୍ଧତି ଭିତ୍ତିକ ପାରମ୍ପରିକ ଜ୍ଞାନକୌଶଳର ସଂରକ୍ଷଣ ପାଇଁ 'ଆତ୍ମଶକ୍ତି ଟ୍ରଷ୍ଟ' ପକ୍ଷରୁ ସ୍ୱଦେଶ ଯାତ୍ରା କାର୍ଯ୍ୟକ୍ରମ ମାଧ୍ୟମରେ ବଡ଼ ପଦକ୍ଷେପ ନିଆଯାଇଛି। ଆଦିବାସୀ ସମ୍ପ୍ରଦାୟର ପୁରୁଷ, ମହିଳା ବୈଦ୍ୟ, ତାନ୍ତ୍ରିକ ଓ ବିଭିନ୍ନ ବର୍ଗର ଲୋକମାନଙ୍କୁ ଏକାଠି କରି ତାଙ୍କଠାରୁ ପାରମ୍ପରିକ କୌଶଳ ବୁଝିବା ସହ ତାକୁ ପୁସ୍ତକ ଆକାରରେ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ କରିବାକୁ ଚେଷ୍ଟା କରାଯାଉଛି। ଏହି କ୍ରମରେ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଷ୍ଟଲ୍‌ୱାର୍ଟ ଜନଜାତିରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟର ୧୭ଟି ଜିଲ୍ଲାରୁ ଶତାଧିକ ସଂଖ୍ୟାରେ ବିଭିନ୍ନ ଆଦିବାସୀ ପୁରୁଷ ଓ ମହିଳାମାନେ ଯୋଗ ଦେଇଥିଲେ। ଗତବର୍ଷ ଡିସେମ୍ବର ୧୦ରୁ ଆରମ୍ଭ ହୋଇଥିବା ଏହି ସ୍ୱଦେଶୀ ଯାତ୍ରା, ଆଦିବାସୀ ଜ୍ଞାନକୌଶଳର ପୁନରୁଦ୍ଧାର ଏବଂ ସୁରକ୍ଷା, ସଂରକ୍ଷଣ ପାଇଁ ଏକ ଉତ୍ସର୍ଗୀକୃତ ପଦକ୍ଷେପ। 'ଆତ୍ମଶକ୍ତି ଟ୍ରଷ୍ଟ' ଏବଂ 'ନ୍ୟାସନାଲ୍ କନସୋର୍ଟିୟମ୍ ଟୁ କମ୍ବାଟ୍ ମାଲ୍‌ନ୍ୟୁଟ୍ରିସନ୍' ଓଡ଼ିଶାର ସହଯୋଗରେ, "ଆଦିବାସୀ ସମ୍ପ୍ରଦାୟର ପୁଷ୍ଟିକର ଐତିହ୍ୟ ସଂରକ୍ଷଣ: ଗଣ୍ଡ ଆଦିବାସୀ ସମ୍ପ୍ରଦାୟରେ ପାରମ୍ପରିକ ଖାଦ୍ୟ ଏବଂ ଉଦ୍ଭିଦର ହ୍ରାସ' ଉପରେ ଏକ ନମୁନା ଅଧ୍ୟୟନରୁ ବହରିଥିବା ପ୍ରମୁଖ ନିଷ୍କର୍ଷଗୁଡ଼ିକୁ ସାର୍ବଜନୀନ କରିବା ପାଇଁ ଏହି ରାଜ୍ୟସ୍ତରୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା।

## ମଣପ୍ପୁରମ୍‌ରୁ ଡକାୟତି ମାମଲା

# କୋଲକାତା ଜେଲ୍‌ରୁ ଆସିଲା ମାଷ୍ଟରମାଇଣ୍ଡ ସୁବୋଧ

ସମ୍ବଲପୁର, ୨୯।୩ (ସମିସ): ମଣପ୍ପୁରମ୍ ଗୋଲ୍ଡ ଫାଇନାନ୍ସ କମ୍ପାନୀରୁ ସୁନା ଓ ନଗଦ ଟଙ୍କା ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ସୁବୋଧ ସିଂହକୁ ୭ ଦିନିଆ ରିମାଣ୍ଡରେ ଆଣି ଜେରା କରୁଛି ସମ୍ବଲପୁର ପୁଲିସ୍। ଏକାଧିକ ମାମଲାରେ ଜଡ଼ିତ ସୁବୋଧ ଏବେ କୋଲକାତାର ଆଲିପୁରର ପ୍ରେସିଡେନ୍ସି ଜେଲରେ କାରାଦଣ୍ଡ ଭୋଗୁଛି। ଗତକାଲି ପୁଲିସ୍ ତାକୁ ସେଠାରୁ ରିମାଣ୍ଡରେ ସମ୍ବଲପୁର ଆଣି ପଚରାଉରା କରୁଛି। ମୁଥୁଟ୍ ଫାଇନାନ୍ସ, ମଣପ୍ପୁରମ୍ ଗୋଲ୍ଡ ଫାଇନାନ୍ସ ଭଳି ଅର୍ଥଲଗାଣକାରୀ ସଂସ୍ଥାରୁ ସୁବୋଧ ଡକାୟତି କରିବା ସହ ସହ ହତ୍ୟା ଓ ଅନ୍ୟ ଅପରାଧିକ ମାମଲାରେ ଜଡ଼ିତ ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କ ଉପସ୍ଥିତିରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ସୁବୋଧ ସାଙ୍ଗରେ ଶଶାଙ୍କ ସିଂହ ମିଶି ଭାରତର ବିଭିନ୍ନ ସ୍ଥାନରେ ସୁନା ଡକାୟତିର ନେଟ୍‌ଓର୍କ ଚଳାଇଛି। ଲୁଟ୍ ପରେ ଏହି ଗ୍ୟାଙ୍ଗ୍ ସୁନାକୁ ତରଳାଇବା ସହ ବିଭିନ୍ନ ଉପାୟରେ ନେପାଳ ଚାଲାଣ କରିଥା'ନ୍ତି। ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଗୁଜରାଟ, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାରେ ୨୮ଟି ମାମଲାରେ ସାମିଲ ଥିବା ସୁବୋଧ ସ୍ୱୀକାର କରିଛି।

■ ୭ ଦିନିଆ ରିମାଣ୍ଡ
■ ସୁନାଚୋରି ସମେତ ହତ୍ୟା ଭଳି ଜଘନ୍ୟ ଅପରାଧରେ ସଂପୃକ୍ତ

ଏହା ଭିତରେ ୧୦ରୁ ୧୨ଟି ସୁନା ଡକାୟତି, ୫ଟି ହତ୍ୟା ଏବଂ ଜବରଦସ୍ତ ଅସୁଲି (ଏକ୍‌ସଟର୍ସନ୍), ଆର୍ମସ ଆକ୍ଟ ଆଦି ଅନ୍ୟ ମାମଲା ରହିଛି।

ଗତ ଜାନୁଆରୀରେ ବୁଢ଼ାରଜା ଅଞ୍ଚଳରେ ଥିବା ମଣପ୍ପୁରମ୍ ଗୋଲ୍ଡ ଫାଇନାନ୍ସରୁ ଲୁଟ୍ ସମେତ ୨୦୧୭ ମସିହାରେ ମୁଥୁଟ୍ ଫାଇନାନ୍ସରୁ ଡକାୟତି ଘଟଣାରେ ସୁବୋଧର ସମ୍ପୃକ୍ତି ରହିଛି। ଜେଲ୍‌ରେ ଥାଇ ସୁବୋଧ କ୍ରାଇମ୍ ନେଟ୍‌ୱାର୍କ ଚଳାଇଛି ବୋଲି ଏସ୍‌ପି କହିଛନ୍ତି। ସେହିପରି ୨୦୧୬ରେ ନାଗପୁର, ୨୦୧୭ରେ ଜୟପୁର, ୨୦୧୮ରେ ବାରାକପୁର ଆଦିରେ ବଡ଼ ଡକାୟତି କରିଛି। ପୁଲିସ୍ ତାହାର ଖୋଳତାଡ଼ କରୁଛି।

ଅଇଁଠାପାଲି ଥାନା ଅନ୍ତର୍ଗତ ସମ୍ବଲପୁରର ବ୍ୟସ୍ତବହୁଳ ବୁଢ଼ାରଜା ଅଞ୍ଚଳରେ ଥିବା ମଣପ୍ପୁରମ୍ ଗୋଲ୍ଡ ଫାଇନାନ୍ସରୁ ଗତ ଜାନୁଆରୀ ୩ ତାରିଖ ସକାଳେ ପ୍ରାୟ ୩୦ କିଲୋ ସୁନା ଏବଂ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଡକାୟତି ହୋଇଥିଲା। ସମ୍ବଲପୁର ପୁଲିସ ଏହି ଡକାୟତି ମାମଲାର ତନାଘନା ଆରମ୍ଭ କରିଥିଲା। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ୨୦୧୭ ମସିହା ଡିସେମ୍ବର ୧୮ ତାରିଖରେ ବୁଢ଼ାରଜାସ୍ଥିତ ମୁଥୁଟ୍ ଫାଇନାନ୍ସରୁ ମଧ୍ୟ ଡକାୟତି ହୋଇଥିଲା। ପୁଲିସର ଟିମ୍ ବିଭିନ୍ନ ସ୍ଥାନକୁ ଯାଇ ବିହାର ହାଜିପୁରର ଅଜୟ ପାଶ୍ୱାନ, ପଙ୍କଜ ପାଶ୍ୱାନ ଓ ଉତ୍ତମ ପାଶ୍ୱାନକୁ ପୂର୍ବରୁ ଗିରଫ କରିଥିଲା।

ନାରୀ ନ୍ୟାୟ ପାଇଁ ଗୃହ କମିଟି ଗଠନ ଦାବି

# ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

ଭୁବନେଶ୍ୱର,୨୯।୩(ସମିସ): ରାଜ୍ୟରେ ମହିଳା ଅତ୍ୟାଚାର ବୃଦ୍ଧିର ନିୟନ୍ତ୍ରଣ ଓ ମହିଳାଙ୍କୁ ସୁରକ୍ଷା ପ୍ରଦାନ ଦାବିରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି। ମହିଳା ସୁରକ୍ଷା ପ୍ରସଙ୍ଗରେ ପ୍ରତିନିଧି ମଣ୍ଡଳୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଏ ସଂକ୍ରାନ୍ତରେ ଏକ ଗୃହ କମିଟି ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛନ୍ତି। ଏହି ଅବସରରେ ଗତ ୯ ମାସ ଭିତରେ ମହିଳାମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ସଂପୂର୍ଣ୍ଣ ତଥ୍ୟ ରାଜ୍ୟପାଳଙ୍କ ନିକଟରେ ଏକ ସ୍ମାରକପାତ୍ର ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ରାଜ୍ୟପାଳ କଂଗ୍ରେସ ପ୍ରତିନିଧି ଦଳକୁ ଗୃହ କମିଟି ଗଠନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଉପରେ ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିଥିବା ନେଇ ପ୍ରତିନିଧିମଣ୍ଡଳୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବିଧାୟକମାନଙ୍କ ନିଲମ୍ବନ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଏହା ଉପରେ ବିଚାର କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଅବଗତ କରି କହିଛି ଯେ ଗତ ୧ ମାସ ଧରି ରାଜ୍ୟ କଂଗ୍ରେସର ବିଧାୟକ ଦଳ ଓ ପ୍ରଦେଶ କଂଗ୍ରେସ ନାରୀ ନ୍ୟାୟ ପାଇଁ କ୍ରମାଗତ ଭାବରେ ଆନ୍ଦୋଳନ ଜାରି ରଖିଛି। ମହିଳାମାନଙ୍କ ସୁରକ୍ଷା ଓ ତାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ବିଧାନସଭାରେ କଂଗ୍ରେସ ନେତୃବୃନ୍ଦ ଗୃହ କମିଟି ଦାବି କରି ଆସୁଛି। କିନ୍ତୁ ସରକାରୀ ଦଳର ମନ୍ତ୍ରୀ ଓ ବିଧାୟକମାନେ କଂଗ୍ରେସ ବିଧାୟକମାନଙ୍କୁ ଆକ୍ରମଣ କରିବା ସହ ବିଧାନସଭାର ଅଧକ୍ଷାଙ୍କ ଉପରେ ଚାପ ପ୍ରୟୋଗ କରି କଂଗ୍ରେସ ବିଧାୟକମାନଙ୍କୁ ଗୃହର ନିଲମ୍ବନ କରିଛନ୍ତି।



ଏହା ସଂପୂର୍ଣ୍ଣ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ପ୍ରତିନିଧି ଦଳ ରାଜ୍ୟପାଳଙ୍କ ନିକଟରେ କ୍ଷୋଭ ପ୍ରକାଶ କରିଥିଲେ। ଗତ ଗୁରୁବାର ଦିନ ବିଧାନସଭା କାର୍ଯ୍ୟକ୍ରମରେ ପୁଲିସ କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କୁ ଅମାନୁଷିକ ଭାବରେ ଯେଉଁଭଳି ମାଡ଼ମାରି ଲହୁ ଲୁହାଣ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ପୁଲିସ ଏଭଳି ହିଂସ୍ର ଆଚରଣ ଗଣତାନ୍ତ୍ରିକ ବ୍ୟବସ୍ଥାର ସଂପୂର୍ଣ୍ଣ ପରିପନ୍ଥୀ ବୋଲି ପିସିସି ସଭାପତି କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ଅନ୍ୟ ବିଧାୟକମାନେ ଉପସ୍ଥିତ ଥିଲେ।





# ବେଆଇନ୍ ପାର୍କିଂ କବ୍‌ଜାରେ ରାଜଧାନୀ

**ଫେଲ୍ ମାରୁଛି ଯୋଜନା**

ଭୁବନେଶ୍ୱର, ୨୯।୩(ସମିସ): ସହରରେ ବେଆଇନ୍ ପାର୍କିଂ ସମସ୍ୟା ବଢ଼ିବାରେ ଲାଗିଛି। ଯୁଆଡ଼େ ଦେଖିବ ଖାଲି ବେଆଇନ୍ ପାର୍କିଂ। ଏଥିପାଇଁ ଅନେକ ସମୟରେ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଦୁର୍ଘଟଣା ବି ଘଟୁଛି। କେବଳ ଯେଉଁଠି ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି କିମ୍ବା ଭିଭିଆଇପି ଯାତ୍ରାରେ ବାଧକ ସୃଷ୍ଟି ହେଉଛି ସେଠାରେ ହିଁ ପୁଲିସ ସକ୍ରିୟ ହୋଇ ଉଠୁଛି। ସେହି ସ୍ଥାନଗୁଡ଼ିକରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଦେଖାଯାଉଛି। ହେଲେ ଆଉ ସବୁ ସ୍ଥାନରେ ବେଆଇନ ପାର୍କିଂ ବେଲଗାମ୍ ହୋଇପଡ଼ିଛି। ବିଏମ୍‌ସି, ପୁଲିସ ସମସ୍ତେ ହାତ ଟେକି ଦେଇଛନ୍ତି। ସେପଟେ ପାର୍କିଂକୁ ନେଇ ପ୍ରଶାସନିକ ନିଷ୍କ୍ରିୟତା ସହରର ସ୍ଥିତିକୁ ଅଧିକ ଗମ୍ଭୀର କରି ଚାଲିଛି।

ବେଆଇନ ପାର୍କିଂକୁ ନେଇ ବିଏମ୍‌ସି କଡ଼ା ଆଭିମୁଖ୍ୟ ଗ୍ରହଣ କରିବ ବୋଲି କହିଲା। ବେଆଇନ ପାର୍କିଂ କରୁଥିବା ଗାଡ଼ି ମାଲିକଙ୍କୁ ସାବାଡ଼ କରିବାକୁ ଯୋଜନା ପ୍ରସ୍ତୁତ ହେଲା। କୁହାଗଲା ପ୍ରତ୍ୟେକ ଅଞ୍ଚଳରେ ଠିକା ସଂସ୍ଥା ସହାୟତାରେ ବେଆଇନ୍ ପାର୍କିଂ ରୋକାଯିବ। ଏହି ଠିକା ସଂସ୍ଥାଗୁଡ଼ିକ ବେଆଇନ୍ ପାର୍କିଂ ଦେଖିବା ମାତ୍ରେ କ୍ରେନ୍ ଲଗାଇ ପାର୍କିଂ ହୋଇଥିବା ଗାଡ଼ିକୁ ଉଠାଇ ନେବେ। ମୋଟା ଅଙ୍କର ଡଣ୍ଡ କଷିଦେବେ। ଯାହା ଫଳରେ ସହରରେ ବେଆଇନ୍ ପାର୍କିଂ ଉପରେ ଅଙ୍କୁଶ ଲାଗିବ। ଠିକା ସଂସ୍ଥା ଚୟନ କରିବାକୁ ବିଏମ୍‌ସି ଥରେ ନୁହେଁ ଦୁଇଥର ଟେଣ୍ଡର ଡାକିଦେଲା। ହେଲେ ଟେଣ୍ଡର ପ୍ରକ୍ରିୟାକୁ କେହି ବି ଆସିଲେନି। ପ୍ରତ୍ୟେକଥର ଗୋଟିଏ ସଂସ୍ଥା ବ୍ୟତୀତ କେହି ବି ଟେଣ୍ଡର ପ୍ରକ୍ରିୟାରେ ସାମିଲ୍ ହେଲେ ନାହିଁ। ଏଣୁ ଏହି ଯୋଜନା ଥଣ୍ଡା ଅବସ୍ଥାକୁ ଚାଲିଗଲା। ବେଆଇନ୍ ପାର୍କିଂ ସମସ୍ୟା ରୋକିବାକୁ ଅନ୍ୟ କୌଣସି ବାଟ ବି ବାହାର କରିବାରେ ବିଏମ୍‌ସି ବିଫଳ ହୋଇଛି। ସେପଟେ ଯାହା ଭିତ୍ତିଭୂମି ନିର୍ମାଣ କରାଯାଇଥିଲା ତାହା ମଧ୍ୟ ସଫଳତା ହାସଲ କରିପାରୁ ନାହିଁ। ସ୍ମାର୍ଟ ସିଟି ଦ୍ୱାରା ୨ଟି ମଲ୍‌ଟି ଲେବଲ୍ କାର୍ ପାର୍କିଂ ନିର୍ମାଣ କରାଯାଇଥିଲା। ହେଲେ ସେଠାରେ କାର୍ ପାର୍କିଂ କରିବାକୁ କେହି ମଙ୍ଗୁ ନାହାନ୍ତି। ଏହା ବ୍ୟତୀତ ଗଳିକନ୍ଦିରେ ରାତି ହେଲେ ବେଆଇନ୍ ପାର୍କିଂ ଯୋଗୁଁ ରାସ୍ତା ବନ୍ଦ ହୋଇଯାଉଛି। ରାଜରାସ୍ତାରେ ଟ୍ରକ୍ ଏବଂ ବସ୍‌ଗୁଡ଼ିକ ବେଧଡ଼କ ଭାବେ ପାର୍କିଂ କରିଚାଲିଥିଲେ ମଧ୍ୟ ଆର୍‌ଟିଓ, ପୁଲିସ ଏବଂ ଟ୍ରାଫିକ୍ ସବୁ ଜାଣି ଅଜଣା ପାଲଟିଛନ୍ତି।

ଅନ୍ୟପକ୍ଷରେ କିଛି ସ୍ଥାନରେ ଚଳନ୍ତା ରାସ୍ତା ମଧ୍ୟ ଜବରଦଖଲକୁ ଚାଲିଯାଉଛି। ଯାହାଦ୍ୱାରା ଏଠାରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଏକାଧିକ ବିଭାଗର ଏଥିରେ ହସ୍ତକ୍ଷେପ ରହୁଥିଲେ ମଧ୍ୟ ଥରୁଟିଏ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏହି ରାସ୍ତାରେ ପୁଲିସ ନିୟମିତ ଯିବାଆସିବା କରୁଛି। ବିଏମ୍‌ସି କର୍ମଚାରୀ ସକାଳୁ ରାତି ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ହେଲେ କାହାରି ଆଖିକୁ ଦେଖାଯାଉ ନାହିଁ। ପଳାଶୁଣି, କଟକ ରୋଡ୍, ଚନ୍ଦ୍ରଶେଖରପୁର, ପଟିଆ, ନୟାପଲ୍ଲୀ, ୟୁନିଟ୍-୮, ରସୁଲଗଡ଼ ଛକ ପ୍ରଭୃତି ଅଞ୍ଚଳରେ ରାସ୍ତା କିମ୍ବା ଫୁଟ୍‌ପାଥ୍ କବ୍‌ଜା କରିଥିବା ଏଭଳି ଅସଂଖ୍ୟ ବିଲ୍‌ବୋର୍ଡ ଦେଖିବାକୁ ମିଳିବ।




## ଜମି ବିକ୍ରି ନାଁରେ ୧୩ ଲକ୍ଷ ଠକେଇ

# ଅଭିଯୁକ୍ତକୁ ୨.୫ ବର୍ଷ ଜେଲ୍

ଭୁବନେଶ୍ୱର/ଧଉଳି, ୨୯।୩(ସମିସ): ଧଉଳି ଥାନା ଅଞ୍ଚଳରେ ଏକ ଜମି ଠକେଇ ମାମଲାର ରାୟ ଗତ ଗୁରୁବାର ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୫ର ବିଚାରପତି ଇତିଶ୍ରୀ ମହାପାତ୍ର ୨୦୨୨ର ଏହି ଠକେଇ ମାମଲାର ବିଚାର କରି ଆସାମୀ କଳିଙ୍ଗ କୁମାର ପଣ୍ଡାଙ୍କୁ ଅଢ଼େଇ ବର୍ଷ ସଜା ଶୁଣାଇଛନ୍ତି।

ପୁଲିସ ସୂଚନା ଅନୁସାରେ, କଳିଙ୍ଗ ୨୦୨୧ରେ ଧଉଳି ଥାନା ଅଞ୍ଚଳରେ ରହୁଥିବା ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ସାକ୍ଷାତ୍ କରିଥିଲେ। ନିଜର ଆର୍ଥିକ ସମସ୍ୟା ଥିବାରୁ ପଳାଶପୁର ଶାସନରେ ନିଜ ପତ୍ନୀଙ୍କ ନାମରେ ଥିବା ଦୁଇଟି ଜମି କିଣିବା ଲାଗି ପ୍ରବର୍ତ୍ତାଇଥିଲେ। ଉକ୍ତ ଜମି ସଂକ୍ରାନ୍ତୀୟ କାଗଜପତ୍ର ଆଣି ଦେଖାଇବା ପରେ ରଶ୍ମିରଞ୍ଜନ ଜମି ଦୁଇଟିକୁ କିଣିବା ଲାଗି ସମ୍ମତି ଜଣାଇଥିଲେ। ଉଭୟପକ୍ଷର ଆଲୋଚନା ମାଧ୍ୟମରେ ଜମି ଦୁଇଟିର ମୂଲ୍ୟ ମୋଟ୍ ୧୨ ଲକ୍ଷ ଟଙ୍କା ସ୍ଥିରୀକୃତ ହୋଇଥିଲା। ରଶ୍ମିରଞ୍ଜନ ଅଗ୍ରୀମ ଆକାରରେ ୧୦ ଲକ୍ଷ ଟଙ୍କା କଳିଙ୍ଗ ଓ ତାଙ୍କ ପତ୍ନୀଙ୍କୁ ଦେଇ ଏକ ଚୁକ୍ତି କରିଥିଲେ। ଚୁକ୍ତି ଅନୁସାରେ ଆସନ୍ତା ୬ ମାସ ମଧ୍ୟରେ ରଶ୍ମିରଞ୍ଜନ ବକେୟା ୨ଲକ୍ଷ ଟଙ୍କା ଦେଲେ କଳିଙ୍ଗ ଓ ପତ୍ନୀ ତାଙ୍କ ନାମରେ ଜମି ପଞ୍ଜୀକରଣ କରିବେ। ୬ ମାସ ବିତିଯାଇଥିଲେ ମଧ୍ୟ ପତି-ପତ୍ନୀ ବାକି ୨ ଲକ୍ଷ ଟଙ୍କା ରଶ୍ମିରଞ୍ଜନଙ୍କଠାରୁ ଗ୍ରହଣ କରି ନ ଥିଲେ କି ତାଙ୍କ ନାମରେ ଜମି ମଧ୍ୟ ପଞ୍ଜୀକରଣ କରି ନ ଥିଲେ। ରଶ୍ମି ବାଧ ହୋଇ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ୧ ଲକ୍ଷ ଟଙ୍କା ଉଭୟଙ୍କୁ ଦେବା ସହ ଜମି ପଞ୍ଜୀକରଣ ଲାଗି ଅନୁରୋଧ କରିଥିଲେ। ପତି-ପତ୍ନୀ ଉକ୍ତ ୧ ଲକ୍ଷ ଟଙ୍କା ନେଇଯାଇଥିବା ବେଳେ ଜମି ପଞ୍ଜୀକରଣ ଲାଗି ୧ମାସ ସମୟ ମାଗିଥିଲେ। ପୁଣି ୧ ମାସ ଅତିକ୍ରମ କରିଯାଇଥିଲେ ମଧ୍ୟ ଉଭୟ ପତି-ପତ୍ନୀ ଆଉ ଧରାଛୁଆଁ ଦେଇନଥିଲେ। ଓଲଟି ଏନେଇ କୋର୍ଟଙ୍କ ଆଶ୍ରୟ ନେଲେ ତାଙ୍କୁ ମିଥ୍ୟା ମାମଲାରେ ଫସାଇଦେବାକୁ ଧମକ ଦେଇଥିଲେ। ଏନେଇ ରଶ୍ମିରଞ୍ଜନ ଧଉଳି ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ-୨୪୫/୨୦୨୨ରେ ଦଫା ୪୨୦/୩୪ ଆଇପିସି ଲଗାଇ ଏକ ମାମଲା ରୁଜୁ କରିଥିଲା। ସବ୍‌ଇନ୍ସପେକ୍ଟର ପ୍ରକାଶ କୁମାର ଜେନା ପ୍ରାଥମିକ ତଦନ୍ତ ଦାୟିତ୍ୱ ନେଇଥିବାବେଳେ ପରବର୍ତ୍ତୀ ସମୟରେ ସବ୍‌ଇନ୍ସପେକ୍ଟର ଜାହ୍ନବୀ ଡାଣ୍ଡି ଏହି ମାମଲାର ତଦନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀମତୀ ଡାଣ୍ଡି କଳିଙ୍ଗ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। କୋର୍ଟ ୭ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ୍‌ଗୁଡ଼ିକ ଆଧାରରେ ଏହି ମାମଲାର ବିଚାର କରି କଳିଙ୍ଗଙ୍କୁ ଦଫା ୪୨୦/୩୪ ଆଧାରରେ ୨ ବର୍ଷ ୫ ମାସ ସଶ୍ରମ କାରାଦଣ୍ଡ ସହ ୫୦୦୦ ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୩ ମାସର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ପ୍ରଥମେ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ଓ ପରବର୍ତ୍ତୀ ସମୟରେ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଏହି ମାମଲାକୁ ପରିଚାଳନା କରୁଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବାଲିଅନ୍ତା, ୨୯।୩(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଜିତିକାଲସୁଆଁଲୋ ଗ୍ରାମ ସିଙ୍ଗଡ଼ା ସାହିର ପ୍ରକାଶ ଭୋଇ ଓରଫ ରଙ୍କା ଭୋଇ (୪୨) ନାମକ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ପରିବାର ଲୋକେ ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ରଙ୍କାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ମୃତଦେହ ଜବତ କରିଛି। ସୂଚନା ଅନୁସାରେ, ରଙ୍କା ସନ୍ଧ୍ୟାରେ ଘରେ ବିଦ୍ୟୁତ୍ କାମ କରୁଥିବାବେଳେ ଅସାବଧାନତାବଶତଃ ବିଦ୍ୟୁତ୍ ଲାଇନ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ତାଙ୍କ ହାତ ଏବଂ ମୁହଁରେ କ୍ଷତାକ୍ତ ହୋଇଥିଲା। ଖବର ପାଇ ସରପଞ୍ଚ ହୃଷୀକେଶ ବେହେରା, ସମାଜସେବୀ ରଜନୀକାନ୍ତ ଜେନା ଏବଂ ଚୌଧୁରୀ ଦ୍ୱାରିକା ନାଥ ଦାଶ ପ୍ରମୁଖ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୨୯।୩(ସମିସ): ଶ୍ୟାମ ନଗର ଅଞ୍ଚଳରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ଭରତପୁର ଥାନା ପୁଲିସ। ମୃତକ ହେଉଛନ୍ତି ସ୍ଥାନୀୟ ଜିଏ କଲୋନୀର ଅନୁପ ମହାରଣା।

ଅଭିଯୋଗ ଅନୁଯାୟୀ, ଜିଏ କଲୋନୀରେ ପରିବାର ସହିତ ରହୁଥିବା ଅନୁପ ଶୁକ୍ରବାର ସକାଳୁ କେଉଁଆଡ଼େ ପଳାଇ ଯାଇଥିଲେ। ପରିବାର ଲୋକେ ଫୋନ୍ କରିବା ସହିତ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଘରଠାରୁ ଦେଢ଼ କିଲୋମିଟର ତଥା ଶ୍ୟାମନଗରଠାରେ ତାଙ୍କ ଝୁଲନ୍ତା ମୃତଦେହ ଥିବା ଖବରପାଇ ପରିବାର ଲୋକେ ସେଠାକୁ ଯାଇଥିଲେ। ସେଠାରେ ଅନୁପଙ୍କ ଝୁଲନ୍ତା ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ବଡ଼ଭାଇ କାହ୍ନୁ ମହାରଣାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେପଟେ ଅନୁପଙ୍କ ହ୍ୱାଟ୍ସଆପ୍‌କୁ ଗୋଟିଏ ନମ୍ବରରୁ ଭିଡିଓ କଲ୍ ଓ ପ୍ରାୟ ୨୮ ଟି ମିସ୍‌ଡ କଲ୍ ଆସିଥିବା ବଡ଼ଭାଇ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହିତ ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଦାବି କରିଛନ୍ତି।(ବରୁଣ)

## ସୁନା ବ୍ରେସ୍‌ଲେଟ୍ ଲୁଟେରାକୁ ଦୁଇ ବର୍ଷ ଜେଲ୍

ଭୁବନେଶ୍ୱର, ୨୯।୩(ସମିସ): ଭୁବନେଶ୍ୱରର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୫ର ବିଚାରପତି ଇତିଶ୍ରୀ ମହାପାତ୍ର ଖଣ୍ଡଗିରି ଥାନା ଅଞ୍ଚଳରେ ହୋଇଥିବା ଏକ ଛିନ୍‌ତାଇ ମାମଲାର ବିଚାର କରି ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ଜେନା ଓରଫ ଚନ୍ଦନକୁ ୨ ବର୍ଷ ସଜା ଶୁଣାଇଛନ୍ତି। ପୁଲିସ ସୂଚନା ଅନୁସାରେ, ଜାଗମରା ବରବାରି ଅଞ୍ଚଳରେ ରହୁଥିବା ଇନ୍ଦ୍ରମଣି ସ୍ୱାଇଁ ଗତବର୍ଷ ମେ' ମାସ ୨ ତାରିଖ ରାତି ୯ଟା ସମୟରେ ସିଟି ଓମେନ୍ସ କଲେଜ ନିକଟରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସେ ସୌଭାଗ୍ୟ ନଗର ନିକଟସ୍ଥ ନୀଳକଣ୍ଠେଶ୍ୱର ମନ୍ଦିର ପାଖାପାଖି ପହଞ୍ଚିଥିବାବେଳେ ଚନ୍ଦନ ଏକ ବାଇକ୍‌ରେ ଆସି ହାତରେ ପିନ୍ଧିଥିବା ଏକ ସୁନା ବ୍ରେସ୍‌ଲେଟ୍‌କୁ ଛିଣ୍ଡାଇ ନେଇ ପଳାଇଥିଲା। ଇନ୍ଦ୍ରମଣି କିଛି ବାଟ ପିଛା କରିଥିଲେ ମଧ୍ୟ ତାକୁ କାବୁ କରିବାରେ ବିଫଳ ହୋଇଥିଲେ। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ-୩୧୩/୨୦୨୪ରେ ଦଫା ୩୯୨ ଆଇପିସି ଲଗାଇ ଏକ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ଅମୂଲ୍ୟ ପ୍ରଧାନ ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ଜେନା ଓରଫ ଚନ୍ଦନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୪ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ୍‌ଗୁଡ଼ିକ ଆଧାରରେ କୋର୍ଟ ଏହି ମାମଲାର ବିଚାର କରି ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ଜେନା ଓରଫ ଚନ୍ଦନକୁ ଦଫା ୩୯୨ ଆଧାରରେ ୨ ବର୍ଷ କାରାଦଣ୍ଡ ସହ ୨୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୨ ମାସର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ପ୍ରଥମେ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ଓ ପରବର୍ତ୍ତୀ ସମୟରେ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଏହି ମାମଲାକୁ ପରିଚାଳନା କରୁଥିଲେ।

# ନକଲି 'ଡିଏସ୍‌ପି'ର ଖୋଲିବ ଗୁମର



**■ ଏପ୍ରିଲ୍ ୨ରୁ ରିମାଣ୍ଡରେ ଆସିବ ମାନସ**
**■ ପ୍ରୋତ୍ସାହିତ କରୁଥିଲା କମିସନରେଟ୍ ପୁଲିସ**

ଭୁବନେଶ୍ୱର, ୨୯।୩(ସମିସ): ଅସଲି ପୁଲିସ ପଞ୍ଝାରେ ପଡ଼ି ଗିରଫ ହୋଇଥିବା ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତିର ଗୁମର ଖୋଲିବ। ଆସନ୍ତା ଏପ୍ରିଲ ୨ ତାରିଖରୁ ମାନସକୁ ରିମାଣ୍ଡରେ ଆଣିବାକୁ ଅନୁମତି ମିଳିଛି। ତାକୁ ଜେରା କରିବା ପରେ ନକଲି ନୋଟ୍‌ର ଚେର କେଉଁଠିକି ଲମ୍ବିଛି ତା'ର ଖୁଲାସା ହେବ। ଏଥିସହ ଚାକିରି ଦେବାକୁ କହି ସେ ଟଙ୍କା ଚକ୍କୁ କରିଛି। ଭଦ୍ରକ ବାସୁଦେବପୁର ଅଞ୍ଚଳରେ କିଛି ଯୁବକଙ୍କୁ ନିଯୁକ୍ତି ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କାର ଚୂନ ଲଗାଇଛି। ଏଭଳି ଭାବେ ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ତଥ୍ୟ ହାତେଇଛି କମିସନରେଟ୍ ପୁଲିସ। ସେହିପରି ମାନସ ଚିତ୍ରାଳୟରୁ ପୁଲିସ ପୋଷାକ ଆଣି ପିନ୍ଧି ନାଟକ କରୁଥିଲା। ୟୁନିଟ୍-୯ ଓ କଳିଙ୍ଗନଗର ଅଞ୍ଚଳରେ ନିଜକୁ ପୁଲିସ ଦର୍ଶାଇ ସାଧାରଣରେ ରୋବାବ୍ ଦେଖାଉଥିଲା।

ପୁଲିସିଆ ଠାଣି ଲାଗି ଅନେକ ସତ ପୁଲିସ ଓ ତଳିଆ କର୍ମଚାରୀ ବି ତାଙ୍କୁ ସାଲ୍ୟୁଟ୍ ମାରନ୍ତି। ଅନୁରୂପ ଭାବେ ମାନସ ନିଜକୁ ପୁଲିସ ଡିଏସ୍‌ପିର ପରିଚୟ ଦେଇ ମଦପିଇ ମଞ୍ଚେଶ୍ୱର ଅଞ୍ଚଳରେ ଆତଙ୍କ ଖେଳାଉଥିଲା। ଉକ୍ତ ଅଞ୍ଚଳରେ ମାର୍‌ପିଟ୍ କରିବା ସହ ନିଶା ବେପାରୀଙ୍କଠାରୁ ବଟି ମଧ୍ୟ ଆଦାୟ କରୁଥିଲା। ମାନସ ବିରୋଧରେ ଏକାଧିକ ଥର ଅଭିଯୋଗ ହୋଇଥିଲେ ବି ପୁଲିସ ସେତେଟା ଗୁରୁତ୍ୱ ଦେଉନଥିଲା। ତେଣୁ ସେ ନିଶାସକ୍ତ ଅବସ୍ଥାରେ ଉତ୍ପାତ କରୁଥିଲା। ସେହିପରି ମାନସର ବନ୍ଧୁ ଆଶିଷ ସ୍ୱାଇଁ ନକଲି ନୋଟ୍‌ର କାରବାର ବୁଝୁଥିଲା। ମଧୁସୂଦନ ନଗର ଭଡ଼ାଘରେ ନକଲି ନୋଟ୍ ଛପାଇ ଏହି କାରବାର ଚଳାଇ ଆସୁଥିଲେ। ନକଲି ପୁଲିସ ଓ ନକଲି ନୋଟ୍‌ର କାରବାରକୁ ଦୀର୍ଘ ବର୍ଷ ହେବ ଚଳାଇ ଆସୁଥିଲେ।

## ୨ ଲକ୍ଷର ବ୍ରାଉନ୍‌ସୁଗର ଜବତ; ଦୁଇ ଗିରଫ




ଭୁବନେଶ୍ୱର, ୨୯।୩(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବରମୁଣ୍ଡା ଅଞ୍ଚଳରେ ରହୁଥିବା ସୁନିଲ ସେଠୀ ଓରଫ ବିଲେଇ (୨୯) ଓ କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ପଦ୍ମପୁର ଗାଁର ବିଭୁରଞ୍ଜନ ତ୍ରିପାଠୀ (୪୪)। ପୁଲିସ ସୂଚନା ଅନୁସାରେ, ବରମୁଣ୍ଡା ଅଞ୍ଚଳରେ ବ୍ରାଉନ୍‌ସୁଗର କାରବାର ଚାଲିଥିବା ନେଇ ଖଣ୍ଡଗିରି ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ବରମୁଣ୍ଡା ମହିମା ମିଶ୍ର ଲେନ୍‌ରେ ଚଢ଼ଉ କରି ବିଲେଇ ଓ ବିଭୁକୁ କାବୁ କରିଥିଲା। ସେମାନଙ୍କ ହେପାଜତରୁ ୨୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଓ ଗୋଟିଏ ବାଇକ୍ ଜବତ କରିଥିଲା। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି।

# ନାବାଳିକାକୁ ଅସଦାଚରଣ; ଅଭିଯୁକ୍ତକୁ ସଜା

ଭୁବନେଶ୍ୱର, ୨୯।୩(ସମିସ): ଜଟଣୀ ଥାନା ଅଞ୍ଚଳରେ ଜନୈକା ନାବାଳିକାକୁ ଅସଦାଚରଣ ଘଟଣାର ରାୟ ସାଢ଼େ ୯ ବର୍ଷ ପରେ ପ୍ରକାଶ ପାଇଛି। ଶନିବାର ଭୁବନେଶ୍ୱରର ଆଡ୍‌ହକ ଆଡିସ୍‌ନାଲ ସେସନ୍ସ ଜଜ୍ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍ସୋ) ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାର କରି ଅଭିଯୁକ୍ତ ଲିଙ୍ଗରାଜ ଉଦୟସିଂହ ଓରଫ ବାଉରିଆକୁ ଦୋଷୀ ସାବ୍ୟସ୍ତ କରିବା ସହ ସଜା ଶୁଣାଇଛନ୍ତି।

ପୁଲିସ ସୂଚନା ଅନୁସାରେ, ୨୦୧୫ ସେପ୍ଟେମ୍ବର ୧ ତାରିଖ ଭୋର୍ ସମୟରେ ନାବାଳିକା ଜଣକ ଗାଧୋଇ ସାରି ଛାତ ଉପରକୁ ଲୁଗା ଶୁଖାଇବା ପାଇଁ ଯାଇଥିବାବେଳେ ବାଉରିଆ ଛାତ ଉପରକୁ ଯାଇ ତାକୁ ଅସଦାଚରଣ କରିଥିଲା। ପୀଡ଼ିତାଙ୍କ ମାଆ ହଠାତ୍ ଆସିଯିବାରୁ ବାଉରିଆ ସେଠାରୁ ଫେରାର୍ ହୋଇ ଯାଇଥିଲା। ଏନେଇ ଜଟଣୀ ଥାନାରେ ଅଭିଯୋଗ ହେବା ପରେ ତଦନ୍ତକାରୀ ଅଧିକାରିଣୀ ତଥା ତତ୍କାଳୀନ ସବ୍ ଇନ୍ସପେକ୍ଟର ଅସ୍ମିତା ପ୍ରଧାନ (ମିଶ୍ର) ଅଭିଯୁକ୍ତ ବାଉରିଆକୁ କୋର୍ଟ ଚାଲାଣ କରିଥିଲେ। ଅଦାଲତ ୮ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ୍ ଆଧାରରେ ମାମଲାର ବିଚାର କରି ଅଭିଯୁକ୍ତ ବାଉରିଆକୁ ଦଫା ୩୫୪-ଏ' ଆଧାରରେ ୧ ବର୍ଷ ସଶ୍ରମ ଓ ଦଫା-୩୫୪-ଡି' ଆଧାରରେ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୧ ମାସର କାରାଦଣ୍ଡ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତଙ୍କ ଦ୍ୱାରା ଶୁଣାଣି ହୋଇଥିବା ଉକ୍ତ ଦଣ୍ଡାଦେଶ ଏକ ସଙ୍ଗେ ଲାଗୁ ହେବ। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ସରକାରଙ୍କ ତରଫରୁ ଏହି ମାମଲାକୁ ପରିଚାଳନା କରିଥିଲେ।

## ରାଜଧାନୀରେ ମାଲମାଲ ଅପମିଶ୍ରିତ ଲସି ଦୋକାନ

# ସ୍ୱାଦିଷ୍ଟ ଗ୍ଲାସ୍‌ରେ ଅସ୍ୱାସ୍ଥ୍ୟକର ପାନୀୟ



**■ ଯାଞ୍ଚ କରୁନାହାନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ**

ଭୁବନେଶ୍ୱର, ୨୯।୩(ସମିସ): ସହରରେ ତାତି ବଢ଼ିଲେ, ତାଳ ଦେଇ ବଢ଼ିଚାଲେ ଲସି, ସର୍ବତ ଦୋକାନ। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଗତ କିଛି ବର୍ଷ ଧରି ରାଜଧାନୀରେ ଏହି ଦୋକାନ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଖରାରୁ ସାମୟିକ ଆରାମ ପାଇବା ପାଇଁ ଲୋକମାନେ ରାସ୍ତାକଡ଼ର ଏହି ଦୋକାନରୁ ଲସି, ସର୍ବତ ପିଇ ତୃଷ୍ଣା ମେଣ୍ଟାଉଛନ୍ତି। ବେପାରୀମାନେ ବିଭିନ୍ନ ପ୍ରକାର ସାମଗ୍ରୀ ଏଥିରେ ମିଶାଇବା ସହ ଦର ବି କଷି ଦେଉଛନ୍ତି। ହେଲେ ଲସିରେ ବ୍ୟବହୃତ ସାମଗ୍ରୀ କେତେ ହିତକର ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏହାକୁ ଯାଞ୍ଚ କରିବାର ବ୍ୟବସ୍ଥା ଥିଲେ ସୁଦ୍ଧା କେବେ ବି ଯାଞ୍ଚ କରାଯାଉ ନାହିଁ। ଦୋକାନ ଖୋଲିବା ନେଇ ବିଶେଷ କିଛି ପ୍ରତିବନ୍ଧକ ନାହିଁ। ଫଳରେ ବ୍ୟବସାୟୀମାନେ ଯେଉଁଠି ପାଇଲେ, ଦୋକାନ ଖୋଲିଦେଉଛନ୍ତି। ହେଲେ ଲସିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଅପମିଶ୍ରିତ ତଥା ରାସାୟନିକ ରଙ୍ଗଯୁକ୍ତ ବୋଲି ଅଭିଯୋଗ ହେଉଛି। ଏହା ଉପରେ କଡ଼ାକଡ଼ି ଯାଞ୍ଚ କରାଗଲେ, ସତ୍ୟାସତ୍ୟ ପଦାକୁ ଆସିବ ବୋଲି କୁହାଯାଉଛି।

ରାଜଧାନୀ ଭୁବନେଶ୍ୱରରେ ସିଆର୍‌ପି ଛକ, ସହିଦ ନଗର, ରାଜମହଲ, କଳ୍ପନା, କଟକ ରୋଡ୍, ଜୟଦେବ ବିହାର, ଖଣ୍ଡଗିରି ଆଦି ଅଞ୍ଚଳରେ ପ୍ରଚୁର ଲସି ସର୍ବତ ଷ୍ଟଲ୍ ରହିଛି। ଏମାନେ ଫେବୃଆରୀ ଶେଷ ସୁଦ୍ଧା ଷ୍ଟଲ୍ ପକାଉଥିବାବେଳେ ଜୁଲାଇ ମାସରେ ଷ୍ଟଲ୍ ଭାଙ୍ଗୁଛନ୍ତି। ଏପ୍ରିଲ୍, ମେ' ଓ ଜୁନ୍ ତିନି ମାସ ପ୍ରଚୁର ବ୍ୟବସାୟ କରୁଛନ୍ତି। ଲସି ଓ ସର୍ବତରେ ଦହି, ରାବିଡ଼ି, ନଡ଼ିଆ, ବାଦାମ, କାଜୁ, ଆଇସ୍‌କ୍ରିମ୍ ଆଦି ବ୍ୟବହାର କରି ଏହାକୁ ସ୍ୱାଦିଷ୍ଟ କରୁଛନ୍ତି। ଏହି ସବୁ ଖାଦ୍ୟ ପଦାର୍ଥର ସୁଦ୍ଧତା ନେଇ କୌଣସି ଯାଞ୍ଚ କରାଯାଉ ନାହିଁ। ରାସ୍ତାକଡ଼ରେ ବିକ୍ରି ହେଉଥିବା ଏହି ଲସି ପାଟିକୁ ସୁଆଦ ଲାଗୁଥିବାରୁ ଲୋକମାନେ ଖରାରୁ ସାମୟିକ ଆଶ୍ୱସ୍ତି ପାଇବା ପାଇଁ ପିଇ ଦେଉଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଏହା ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଥିବା ଅଭିଯୋଗ ହେଉଛି। ବିଶେଷକରି ଏଥିରେ ବ୍ୟବହୃତ ରାବିଡ଼ିରେ ମାତ୍ରାଧିକ ମଇଦା, ବିସ୍କୁଟ୍ ଗୁଣ୍ଡ ଆଦି ମିଶାଯାଉଥିବା ଅଭିଯୋଗ ହେଉଛି। ଏହାସହ ଲସିର ରଙ୍ଗ ଭଲ ଦେଖାଯିବା ସହ ମିଠା ବଢ଼ାଇବା ପାଇଁ ସାକାରିନ୍ ଗୁଣ୍ଡକୁ ବି ବ୍ୟବହାର କରାଯାଉଛି। ଏହାସହ ବାସି ନଡ଼ିଆ, ଶସ୍ତା ଆଇସ୍‌କ୍ରିମ୍ ଆଦି ବ୍ୟବହାର କରାଯାଉଛି। ପରବର୍ତ୍ତୀ ସମୟରେ ମଣିଷ ଶରୀରରେ ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି।

ଦୋକାନ କରିବା ପାଇଁ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଖୁଚୁରା ବେପାରୀ ଲାଇସେନ୍ସ ନେବାକୁ ପଡ଼େ। ହେଲେ ରାଜଧାନୀ ରାସ୍ତାକଡ଼ରେ ଖୋଲାଥିବା ଅଧିକାଂଶ ଦୋକାନୀଙ୍କ ପାଖରେ ଏହି ଲାଇସେନ୍ସ ନ ଥିବା ଅଭିଯୋଗ ହେଉଛି। ଏମାନଙ୍କ ଉପରେ କେବେ ଖାଦ୍ୟ ସୁରକ୍ଷା ଓ ବିଏମ୍‌ସିର ଦୃଷ୍ଟିପଡ଼ିବ ବୋଲି ସଚେତନ ନାଗରିକମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଜଣେ ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି, ତାପମାତ୍ରା ବୃଦ୍ଧି ପାଇବା ପରେ ଖୋଲୁଥିବା ଦୋକାନଗୁଡ଼ିକ ଉପରେ ଆମେ କଡ଼ା ନଜର ରଖିଛୁ। ଆଗାମୀ ଦିନରେ ନିୟମିତ ବ୍ୟବଧାନରେ ଏହାର ଯାଞ୍ଚ କରାଯିବ। ବିଶେଷକରି ଲାଇସେନ୍ସ ଓ ବ୍ୟବହୃତ ଖାଦ୍ୟ ସାମଗ୍ରୀର ମାନ ଉପରେ କଡ଼ାକଡ଼ି ଯାଞ୍ଚ କରାଯିବ। ସେଠାରୁ ଲସି ପ୍ରସ୍ତୁତି ଖାଦ୍ୟ ସାମଗ୍ରୀର ସାମ୍ପୁଲ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯିବ। ଏହାସହ ଅପମିଶ୍ରିତ ଖାଦ୍ୟ ପଦାର୍ଥ ବ୍ୟବହାର କରୁଥିବା ଦୋକାନୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।





# ଧ୍ୱଂସେଇଗଲା ଏକାମ୍ର ପ୍ରକଳ୍ପ



ଭୁବନେଶ୍ୱର, ୨୯।୩(ସମିସ): ରାଜ୍ୟ ସରକାର ୨୦୨୫ ଜାନୁଆରୀ ସୁଦ୍ଧା ଏକାମ୍ର କ୍ଷେତ୍ର ସୁବିଧା ଏବଂ ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟକ୍ରମ (ଏକାମ୍ର) ପ୍ରକଳ୍ପକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ଏକାମ୍ର ପ୍ରକଳ୍ପ ଶେଷ ହେବାକୁ ନାଁ ଧରୁନି। ରାଜଧାନୀରେ ଏକାମ୍ର ପ୍ରକଳ୍ପ ଏବେ ଧ୍ୱଂସେଇବାରେ ଲାଗିଛି। ଜମି ଅଧିଗ୍ରହଣ, ମନ୍ଦିରର ପୂଜା କାର୍ଯ୍ୟ ଏବଂ ସ୍ଥାନୀୟ ସମସ୍ୟା ଏହି ପ୍ରକଳ୍ପକୁ ଆଗକୁ ନେବାରେ ଏକ ବଡ଼ ସମସ୍ୟା ପାଲଟିଛି।

ଏହି ପ୍ରକଳ୍ପ ଅଧୀନରେ ଲିଙ୍ଗରାଜ ପ୍ଲାଜା ନିର୍ମାଣ କରିବାର ଯୋଜନା ରହିଛି। ମନ୍ଦିର ପାର୍ଶ୍ୱରେ ଖାଲି ସ୍ଥାନ ସୃଷ୍ଟି କରିବା ସହ ଗଛ ଲଗାଇ ଭକ୍ତଙ୍କ ପାଇଁ ଏକ ସୁନ୍ଦର ପରିବେଶ ନିର୍ମାଣ ହୋଇଥା'ନ୍ତା। ହେଲେ ଏପର୍ଯ୍ୟନ୍ତ ମାତ୍ର ୮୦ ପ୍ରତିଶତ କାମ ଶେଷ ହୋଇଛି। ସେହିପରି ଅନନ୍ତ ବାସୁଦେବ ପ୍ଲାଜାର ନିର୍ମାଣ ଅଧାରେ ଅଟକିଛି। ଭଜନ ମଣ୍ଡପ କାମ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ। ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଛନ୍ତି। ନର୍ଥ ପାର୍କିଂ ପାଇଁ ରଥ ରୋଡ୍‌ରୁ ବିବେକାନନ୍ଦ ଛକ ପର୍ଯ୍ୟନ୍ତ ପିଚୁ ପକା କାର୍ଯ୍ୟ ଚାଲିଛି। ଶୌଚାଳୟ କ୍ୟାଫେଟେରିଆର ବିଲ୍ଡିଂ ନିର୍ମାଣ କାର୍ଯ୍ୟର କେବଳ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲାବେଳେ ଆଗକୁ ବଢ଼ିପାରୁନାହିଁ। ସେହିପରି ତାରକେଶ୍ୱର ଛକରୁ କୋଟିତୀର୍ଥ କଲ୍‌ଭର୍ଟ ଡ୍ରେନ୍ ନମ୍ବର ୭ର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ରହିଛି। ଗୋଟିଏ ପଟ ଶେଷ ହୋଇଥିଲାବେଳେ ଅନ୍ୟପଟ ଶେଷ ହୋଇନାହିଁ।

ଏକାମ୍ର ପ୍ରକଳ୍ପ ଅଗ୍ରଗତିକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂହ ଉପସ୍ଥିତ ଥିଲେ। ପ୍ରକଳ୍ପ ସହ ଜଡ଼ିତ ସମସ୍ତ ବିଭାଗକୁ ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଇଛି ବୋଲି ମନ୍ତ୍ରୀ କହିଥିଲେ। ପ୍ରତି ସପ୍ତାହରେ ସ୍ଥାନୀୟ ବିଧାୟକ, ମ୍ୟୁନିସିପାଲ୍ କମିସନର ଏବଂ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍‌ସନ କର୍ପୋରେସନ ଲିମିଟେଡ୍ (ଓବିସିସି) ସମେତ ଏକ ନିରୀକ୍ଷଣ ଦଳ ଦ୍ୱାରା ଅଗ୍ରଗତିର ସମୀକ୍ଷା କରାଯିବ ବୋଲି ସେହି ସମୟରେ କହିଥିଲେ। ଏହସତ୍ତ୍ୱେ ମଧ୍ୟ ଏକାମ୍ର ପ୍ରକଳ୍ପ ଏବେ ବି ଅଧପନ୍ତରିଆ ହୋଇ ପଡ଼ି ରହିଛି। ପୂର୍ବତନ ବିଜେଡି ସରକାର ୨୦୨୫ ଜାନୁଆରୀ ୧କୁ ପ୍ରକଳ୍ପର ଅନ୍ତିମ ସମୟସୀମା ଭାବେ ନିର୍ଦ୍ଧାରଣ କରିଥିଲେ। ଆମେ ସେହି ସମୟ ସୀମା ମଧ୍ୟରେ ପ୍ରକଳ୍ପକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବା ପାଇଁ ସବୁ ପ୍ରକାର ପ୍ରୟାସ କରିବୁ ବୋଲି କହିଥିଲେ।

## ମନମୋହୁଛି ଗ୍ଲାସ୍ ଚୁଡ଼ି

ଫେଶନ ଟ୍ରେଣ୍ଡିଂ

ଗ୍ଲାସ୍ ଚୁଡ଼ି କହିଲେ ପତଳା କାଚରେ ତିଆରି ଗୋଲ୍ ଚୁଡ଼ିକୁ ବୁଝାଉଥିଲା। ଏବେ କିନ୍ତୁ ନୂଆ ରୂପରେ ପୁଣି ଫେରିଛି ଗ୍ଲାସ୍ ଚୁଡ଼ି। କେଉଁଥିରେ ମୟୂର ଚିତ୍ର ରହିଛି ତ ଆଉ କେଉଁଥିରେ ଫୁଲକଢ଼। ଅନ୍ୟ ଚୁଡ଼ି ତୁଳନାରେ ଏହାର ଆକାର ଏବଂ ମୋଟେଇ ଅଧିକ ରହିଛି। ହାତରେ ଧରିଲେ ଲାଗୁଛି ଚୁଡ଼ି ଭିତରେ ରଙ୍ଗିନ୍ ପାଣି ରହିଛି। ଦୂରରୁ ଦେଖିଲେ ଆଖି ଝଲସି ଯାଉଛି। ଏବେ ଚୁଡ଼ି ଦୋକାନରେ ଚାହିଦାରେ ରହିଛି ଗ୍ଲାସ୍ ଚୁଡ଼ି। ସୁନା, ରୁପା ଚୁଡ଼ି ବଦଳରେ ଫେଶନେବୁଲ ଗ୍ଲାସ୍ ଚୁଡ଼ିକୁ କିଣିବା ପାଇଁ ମହିଳା ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ବାହାଘର, ଜନ୍ମଦିନ ଆଦି ପାର୍ଟିରେ ଏହାକୁ ପିନ୍ଧିକରି ଯାଉଛନ୍ତି।



ଏହି ଚୁଡ଼ି କିଣିବା ପାଇଁ ଚୁଡ଼ି ଦୋକାନରେ ମହିଳାଙ୍କ ଭିଡ଼ ଲାଗୁଛି। ଏବେର ଯୁବପିଢ଼ି ଗୋଟିଏ ହାତରେ ଚୁଡ଼ି ପିନ୍ଧିବାର ସଉକ ରଖୁଥିବାରୁ ସେମାନେ ଏହାକୁ ଗୋଟିଏ ହାତରେ ପିନ୍ଧୁଥିବାବେଳେ ବିବାହିତ ମହିଳାମାନେ ଏହାକୁ ଦୁଇ ହାତରେ ପିନ୍ଧିବା ପାଇଁ ଅଧିକ ପସନ୍ଦ କରୁଛନ୍ତି। ତେବେ ଗୋଟିଏ ଯୋଡ଼ା ଚୁଡ଼ିର ମୂଲ୍ୟ ୧୦୦ ଟଙ୍କାରୁ ଆରମ୍ଭ ହୋଇ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଚୁଡ଼ି ମୁଖ୍ୟତଃ ମୁମ୍ବଇ, ଦିଲ୍ଲୀ, ଫିରୋଜାବାଦ୍, ରାଜସ୍ଥାନ, କୋଲକାତାରୁ ଆସୁଛି। ମାର୍କେଟ ବିଲ୍ଡିଂରେ ଗ୍ଲାସ୍ ଚୁଡ଼ି ବିକୁଥିବା ଝୁନୀ ବିଶ୍ୱାଳ କୁହନ୍ତି, ଖୁବ୍ କମ୍ ଦିନ ଭିତରେ ଏହି ଚୁଡ଼ିର ଚାହିଦାକୁ ଦେଖି ଆମେ ଅଧିକ ଗ୍ଲାସ୍ ଚୁଡ଼ି ଆଣୁଛୁ। ଏହା ବିଶେଷକରି ବାହାର ରାଜ୍ୟରୁ ଆସୁଥିବା ପର୍ଯ୍ୟଟକମାନେ ଅଧିକ କିଣୁଛନ୍ତି। ଲୋକମାନେ ମଧ୍ୟ ଉପହାର ଦେବା ପାଇଁ ଅଧିକ ପସନ୍ଦ କରୁଛନ୍ତି।

## ବିଏମ୍‌ସିର ଜିରୋ ୱେଷ୍ଟ ସଂକଳ୍ପ

ଭୁବନେଶ୍ୱର, ୨୯।୩(ସମିସ): ଚଳିତ ବର୍ଷ ବିଏମ୍‌ସି ନିଜସ୍ୱ ମୁଖ୍ୟ କାର୍ଯ୍ୟାଳୟକୁ ଜିରୋ ୱେଷ୍ଟ କାର୍ଯ୍ୟାଳୟ କରିବା ପାଇଁ ସଂକଳ୍ପ ନେଇଛି। ଅର୍ଥାତ୍ ଖୁବ୍‌ଶୀଘ୍ର ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ହେବ ଶୂନ୍ୟ ବର୍ଜ୍ୟ କାର୍ଯ୍ୟାଳୟ। ମାର୍ଚ୍ଚ ୩୦ ହେଉଛି ବିଶ୍ୱ ଶୂନ୍ୟ ବର୍ଜ୍ୟ ଦିବସ ବା ଜିରୋ ୱେଷ୍ଟ ଡେ'। ଏହି ଦିବସ ଅବସରରେ ବିଏମ୍‌ସି ଜିରୋ ୱେଷ୍ଟ ଅଫିସ ଅଭ୍ୟାସକୁ ଆପଣେଇ ନେଇଛି।

ଜିରୋ ୱେଷ୍ଟ କାର୍ଯ୍ୟାଳୟକୁ କାର୍ଯ୍ୟକାରୀ କରିବା ପାଇଁ ଟିମ୍ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ମହଲା ଏବଂ ଉପ ବିଭାଗରେ ଜିରୋ ୱେଷ୍ଟ କମିଟି ଗଠନ, ନିୟମିତ ପ୍ରଶିକ୍ଷଣ, ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜନ, ଖାଦ୍ୟ ନଷ୍ଟକୁ ନା ଏବଂ ପ୍ରତ୍ୟେକ କର୍ମଚାରୀ ନିଜର ଜିରୋ ୱେଷ୍ଟ ପାସ୍ ବୁକ୍‌କୁ ନିୟମିତ କରିବା, ପ୍ଲାଷ୍ଟିକ୍ ବୋତଲ ବଦଳରେ ଷ୍ଟିଲ୍ ବା କାଚ ବୋତଲ ବ୍ୟବହାର କରିବା ଇତ୍ୟାଦି ଅଭ୍ୟାସଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ତେବେ କାର୍ଯ୍ୟାଳୟରୁ ବାହାରୁଥିବା ବିଭିନ୍ନ ଟୁକୁଡ଼ା କାଗଜ ଏବଂ ଅନ୍ୟାନ୍ୟ ଅଦରକାରୀ ପଦାର୍ଥକୁ ଡଷ୍ଟବିନ୍‌ରେ ଫୋପାଡ଼ି ନ ଦେଇ ଏଗୁଡ଼ିକର ପୁନଃଚକ୍ରଣ କରାଯାଉଛି। ନିୟମିତ ଏହା କରାଯିବାର ଯୋଜନା କରାଯାଇଛି। ଏଥିପାଇଁ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଉଛି। ଏହା କେବଳ ବିଏମ୍‌ସି ମୁଖ୍ୟାଳୟ ନୁହେଁ, କ୍ରମେ କ୍ରମେ ଜୋନ୍ ଅଫିସଗୁଡ଼ିକୁ ମଧ୍ୟ ଜିରୋ ୱେଷ୍ଟ ଅଫିସ କରିବା ପାଇଁ ଯୋଜନା ଆରମ୍ଭ ହୋଇଛି। ଭୁବନେଶ୍ୱର ସହରର ଅନ୍ୟାନ୍ୟ କାର୍ଯ୍ୟାଳୟ ଓ ଘରେ ଘରେ ଜିରୋ ୱେଷ୍ଟ ଅଭ୍ୟାସକୁ ଅନୁସରଣ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

## ଚତୁର୍ଦ୍ଧା ଫାଉଣ୍ଡେସନ ପକ୍ଷରୁ ୨ ହାଇସ୍କୁଲକୁ ୱାଟର କୁଲର ପ୍ରଦାନ

ଭୁବନେଶ୍ୱର, ୨୯।୩(ସମିସ): ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାବେଳେ ସ୍କୁଲ ଛାତ୍ରଛାତ୍ରୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଚତୁର୍ଦ୍ଧା ଫାଉଣ୍ଡେସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାଜଧାନୀ ଉପକଣ୍ଠର ତମାଣ୍ଡୋଠାରେ ଥିବା ଭ୍ରମରବର ବିଦ୍ୟାପୀଠ ଓ ଝାଁଲା ସ୍ଥିତ କୃଷ୍ଣଚନ୍ଦ୍ର ବିଦ୍ୟାପୀଠକୁ ଫାଉଣ୍ଡେସନ ପକ୍ଷରୁ ଦୁଇଟି ୱାଟର କୁଲର୍ ପ୍ରଦାନ କରାଯାଇଛି। ଏହି ଦୁଇଟି ୱାଟର କୁଲର୍ ଛାତ୍ରଛାତ୍ରୀମାନଙ୍କୁ ଥଣ୍ଡା ପାନୀୟ ଯୋଗାଇବ। ଏହାଦ୍ୱାରା ଦୁଇଟି ବିଦ୍ୟାଳୟର ୧ ହଜାରରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ। ଏଭଳି ପଦକ୍ଷେପ ପାଇଁ ଉଭୟ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକମାନେ ଚତୁର୍ଦ୍ଧା ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇଛନ୍ତି। ସେପଟେ ପର୍ଯ୍ୟାୟକ୍ରମେ ଫାଉଣ୍ଡେସନ୍ ପକ୍ଷରୁ ଅନ୍ୟ ବିଦ୍ୟାଳୟଗୁଡ଼ିକୁ ମଧ୍ୟ ସହାୟତା କରାଯିବ ବୋଲି କୁହାଯାଇଛି।




## ଭୁବନେଶ୍ୱର ବାର୍‌ର ସମ୍ପାଦକ ହେଲେ ସତ୍ୟରଞ୍ଜନ

ଭୁବନେଶ୍ୱର, ୨୯।୩(ସମିସ): ଶନିବାର ରାଜ୍ୟର ୧୫୬ ବାର୍ କାଉନସିଲରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି, ସମ୍ପାଦକ, ସହକାରୀ ସମ୍ପାଦକ, ଉପସଭାପତି, ପାଠାଗାର ସମ୍ପାଦକ, କାର୍ଯ୍ୟନିର୍ବାହୀ ସଦସ୍ୟ ଆଦି ପଦ ପାଇଁ ନିର୍ବାଚନ ହୋଇଛି। ଏଥିରେ ୩୭ ହଜାର ୨୫୩ ଜଣ ଆଇନଜୀବୀ ଭୋଟ୍ ଦେଇଛନ୍ତି। 'ୱାନ୍ ବାର୍, ୱାନ୍ ଭୋଟ୍' ନିୟମରେ ନିର୍ବାଚନ ହୋଇଛି। ଅର୍ଥାତ୍ ଜଣେ ଆଇନଜୀବୀ କେବଳ ଗୋଟିଏ ବାର୍ ଆସୋସିଏସନ୍‌ରେ ନିଜ ମତଦାନ ସାବ୍ୟସ୍ତ କରିଛନ୍ତି। ସମସ୍ତ ବାର୍‌ରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଏହିଭଳି ଭୁବନେଶ୍ୱର ବାର୍ ଆସୋସିଏସନ୍ ସମ୍ପାଦକ ଭାବେ ସତ୍ୟରଞ୍ଜନ ସେନାପତି ନିର୍ବାଚିତ ହୋଇଛନ୍ତି। ସେ ୧୮୪୩ ଭୋଟ୍ ପାଇ ନିକଟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇଛନ୍ତି। ସହ ସମ୍ପାଦକ ଭାବେ ରଶ୍ମିରଞ୍ଜନ ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେ ୧୭୦୩ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଛନ୍ତି।

## ତୃତୀୟ ଊର୍ଜା ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୨୯।୩(ସମିସ): ପଦାମୃତ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ତୃତୀୟ ଊର୍ଜା ନୃତ୍ୟ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପଦାମୃତ ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ଦ୍ୱାରା 'ପରାଶକ୍ତି' ବେଶ୍ ଚିତାକର୍ଷକ ହୋଇଥିଲା। ପରେ ପରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସଙ୍କ ଏକକ ଓଡ଼ିଶୀ ନୃତ୍ୟ ଉଚ୍ଚକୋଟିର ହୋଇଥିଲାବେଳେ ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ୍ ଦ୍ୱାରା ଦଳଗତ ନୃତ୍ୟ ଦର୍ଶକଙ୍କ ମନରେ ଉନ୍ମାଦ ସୃଷ୍ଟି କରିଥିଲା। ଶେଷରେ ପଦାମୃତ ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ବେଶ୍ ଚିତାକର୍ଷକ ହୋଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବରେ ବିଧାୟକ ବାବୁ ସିଂ, ସମାଜସେବୀ ଜଗନ୍ନାଥ ପ୍ରଧାନ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଅବସରପ୍ରାପ୍ତ ସମ୍ପାଦକ ପ୍ରବୋଧ ରଥ, ପ୍ରଖ୍ୟାତ ଔପନ୍ୟାସିକା, କବି ତଥା ଲେଖକ ଡ. ହିରଣ୍ମୟୀ ମିଶ୍ର, ପଦାମୃତ ଡ୍ୟାନ୍ସ ଏକାଡେମୀର ସଭାପତି ଗୋବିନ୍ଦ ଚନ୍ଦ୍ର ପାଲ ଯୋଗଦେଇଥିଲେ। ଏହି ମହୋତ୍ସବରେ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ଆଚାର୍ଯ୍ୟ ନନ୍ଦିକେଶ୍ୱର ସମ୍ମାନ' ଅର୍ପଣ କରାଯାଇଥିଲା ବେଳେ ଶ୍ରୀନିବାସ ଘଟୁଆରୀଙ୍କୁ 'ଆଚାର୍ଯ୍ୟ ନନ୍ଦିକେଶ୍ୱର ଯୁବ ସମ୍ମାନ' ଅର୍ପଣ କରାଯାଇଥିଲା। ଉତ୍ସବକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ ଓ ସମ୍ପାଦକ ତଥା ନିର୍ଦ୍ଦେଶକ ଗୁରୁ ବିଜନ କୁମାର ପଲାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ସହ ନିର୍ଦ୍ଦେଶିକା ସୌମ୍ୟା ସୁଚରିତା ପାଲ ଓ ସୁଶାନ୍ତ ବେହେରା ପରିଚାଳନା କରିଥିଲେ।



ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ ସମାରୋହ

## ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ସହାୟତା ଓ ପରିଚୟପତ୍ର ପ୍ରଦାନ

ଭୁବନେଶ୍ୱର, ୨୯।୩(ସମିସ): ଖୋର୍ଦ୍ଧା ଜିଲ୍ଲା ଅଧୀନରେ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୧୧୫୩ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ମୃତ୍ୟୁକାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା, ବିବାହକାଳୀନ ସହାୟତା, ପ୍ରସୂତୀକାଳୀନ ସହାୟତା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଓ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା କଲ୍ୟାଣ ବୋର୍ଡ ତରଫରୁ ପ୍ରଦାନ କରାଯାଇଛି। ବିଶେଷକରି ୧୭୫ ଜଣ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପଞ୍ଜିକୃତ କରାଯାଇଛି ଓ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା କଲ୍ୟାଣ ବୋର୍ଡ ଅଧୀନର ୫୦ ଜଣ ପଞ୍ଜିକୃତ ହୋଇ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ମୋନାଲିସା ଜେନା, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ପ୍ରଭାକର ବିଶ୍ୱାଳ, ସହକାରୀ ଶ୍ରମ ଅଧିକାରୀ ରଶ୍ମିତା ପାତ୍ର, ବିକାଶ ନାୟକ, କାଳୀ ପୁତ୍ର କୁଳଦୀପ ପ୍ରସାଦ, ପିପାସା ମହାପାତ୍ର, ସୌମ୍ୟରଞ୍ଜନ କର, ଦେବଶ୍ରୀ ବେହେରା, ଅର୍ଚ୍ଚନା ନାୟକ, ପ୍ରଜ୍ଞା ପରିଡ଼ା, ଲମ୍ବୋଦର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ରାସ୍ତାକଡ଼ରେ ଭାଗ୍ୟ ପରୀକ୍ଷା

ଭୁବନେଶ୍ୱର, ୨୯।୩(ସମିସ): ଭାଗ୍ୟରେ କ'ଣ ଲେଖା ଅଛି କି ଆସନ୍ତାକାଲି କାହା ଜୀବନରେ କ'ଣ ଘଟିବ ଏହା କେହି କହିପାରିବେ ନାହିଁ। ତଥାପି ଲୋକମାନେ ଭବିଷ୍ୟତ ବିଷୟରେ ଜାଣିବା ପାଇଁ ଜ୍ୟୋତିଷ ଶାସ୍ତ୍ର ଉପରେ ଭରସା କରୁଛନ୍ତି। ବଡ଼ବଡ଼ିଆମାନେ ଏସି ରୁମ୍‌ରେ ବସି ହାତ ଦେଖି ଭାଗ୍ୟ ଗଣନା କରି ବିଭିନ୍ନ ମୁଦି ପିନ୍ଧିବା ପାଇଁ କହୁଥିବା ଜ୍ୟୋତିଷଙ୍କ ପାଖକୁ ଯାଉଥିବାବେଳେ ଆଉ କିଛି ଲୋକ ରାସ୍ତାକଡ଼ରେ ବିଭିନ୍ନ ରତ୍ନପଥର ମୁଦି ବିକ୍ରି କରୁଥିବା ଲୋକଙ୍କ ପାଖରେ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି।

ରାଜଧାନୀର ବିଭିନ୍ନ ଛକ ଓ ଗଳିକନ୍ଦିରେ ଜ୍ୟୋତିଷମାନେ ଭାଗ୍ୟ ଭବିଷ୍ୟ ଗଣନା କରୁଥିବାବେଳେ ରାସ୍ତାକଡ଼ରେ ବେପାରୀମାନେ ରାଶିନକ୍ଷତ୍ର ଅନୁଯାୟୀ ନବରତ୍ନ ପଥର ମୁଦି ବିକ୍ରି କରୁଛନ୍ତି। ଏହି ବେପାରୀମାନଙ୍କ ପାଖରେ ୧୨ଟି ରାଶି ଅନୁଯାୟୀ ପାନ୍ନା, ମାଣିକ୍ୟ, ମୋତି, ଡାଇମଣ୍ଡ, ହୀରା, ଲାଲପ୍ରବାଳ, ନୀଳା, ପୁଖରାଜ, ମୁକ୍ତା ଆଦି ନଅଟି ରତ୍ନପଥର ମୁଦି ବିକ୍ରି କରୁଛନ୍ତି। ୨୦ଟଙ୍କାରୁ ନେଇ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୁଦିର ଦାମ୍ ରହିଛି। ଏହି ମୁଦିକୁ କିଏ ଭାଗ୍ୟରେଖାରେ ଗ୍ରହ ନକ୍ଷତ୍ରର ଚଳନ ଠିକ୍ କରିବା ପାଇଁ ନେଉଛନ୍ତି ତ ଆଉ କିଏ ଦେହର ରୋଗ ଭଲ ହେବା ପାଇଁ ନେଉଛନ୍ତି। ଏନେଇ କଳ୍ପନା ଛକର ରାସ୍ତାକଡ଼ରେ ରତ୍ନପଥର ମୁଦି ବିକ୍ରି କରୁଥିବା ତାପସ ଅଧିକାରୀ କୁହନ୍ତି, ୧୨ବର୍ଷ ହେଲାଣି ଏହି ଗୋଟିଏ ସ୍ଥାନରେ ବେପାର କରିଆସୁଛି। ନିଜ ଘର ପଶ୍ଚିମବଙ୍ଗରେ ହୋଇଥିବାବେଳେ ପିପିଲିରେ ରହୁଛନ୍ତି। ପ୍ରତ୍ୟହ ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ମୁଦି ବେପାର କରିଥା'ନ୍ତି। ଛୋଟ ପଥର ମୁଦି କମ୍ ପଇସା, ବଡ଼ ମୁଦି ଅଧିକ ପଇସା। ବଡ଼ ମୁଦି ଅଧିକ ଦିନ ଧରି କାମ କରିବ। ଛୋଟ ମୁଦି ନେଲେ ଅଳ୍ପ ଦିନ ପାଇଁ କାର୍ଯ୍ୟ କରିବ। ଏହି ସବୁ ମୁଦି ଅଷ୍ଟଧାତୁରେ ନିର୍ମିତ ହୋଇଛି ବୋଲି ବୋପାରୀ କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି, ଏହି ମୁଦି କେବଳ ଗ୍ରହ ନକ୍ଷତ୍ରଙ୍କ ଚଳନ ଠିକ୍ କରିବାକୁ ଲୋକମାନେ ନେଉନାହାନ୍ତି; ଅନେକ ଲୋକ ରୋଗ ଭଲହେବା ପାଇଁ ମଧ୍ୟ ବ୍ୟବହାର କରୁଛନ୍ତି ବୋଲି କହିଛନ୍ତି।

ଗଞ୍ଜାମର ଶୁଭେନ୍ଦୁ ମଲ୍ଲିକ ନାମକ ଜଣେ ବ୍ୟକ୍ତି ନିଜର ରାଶି ଅନୁଯାୟୀ, ପନ୍ନା ମାନକ ରତ୍ନପଥର ମୁଦି କିଣିଛି। ଦେଖାଯାଉ ରାସ୍ତାକଡ଼ର ମୁଦିରେ ଭାଗ୍ୟ କ'ଣ ପରିବର୍ତ୍ତନ ହେଉଛି କି ନାହିଁ ବୋଲି କହିଛନ୍ତି। ସେହିପରି ବାଲିପାଟଣାରୁ ଆସିଥିବା ଅନ୍ୟ ଜଣେ ଗ୍ରାହକ ଏକା ସାଙ୍ଗେ ନବରତ୍ନ ପଥର ଥିବା ମୁଦିକୁ ପେଟ ରୋଗ ଭଲହେବା ପାଇଁ କିଣିଥିଲେ। କେବଳ ବିଶ୍ୱାସ ଓ ଭରସାରେ ନେବା କଥା ବୋଲି ଗ୍ରାହକ ଜଣକ କହିଛନ୍ତି।

■ ରତ୍ନପଥର ମୁଦି ନିର୍ଦ୍ଧାରଣ କରୁଛି ଲୋକଙ୍କ ଭାଗ୍ୟ



## ସହର ପରିକଳ୍ପନା ଯୋଜନାର ସ୍ଥିତି ସମୀକ୍ଷାକଲେ ବିଡିଏ ଉପାଧ୍ୟକ୍ଷ

ଭୁବନେଶ୍ୱର, ୨୯।୩(ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ ଶନିବାର ସହର ପରିକଳ୍ପନା ଯୋଜନାର (ଟିପି ସ୍କିମ୍) ସମୀକ୍ଷା କରିଛନ୍ତି। ଏହି ବୈଠକରେ (ଟିପି ସ୍କିମ୍) ଯୋଜନା ନଂ ୧, ୨, ୩ ଓ ୪ର ୯ଟି ଗାଁ ପାଇକରାପୁର, ସିଜିପୁଟ, ନାରାଗୋଡ଼ା, ସାହାଜପୁର, ତମାଣ୍ଡୋ, ବିଜିପୁର, ପାଇକରାପୁର, ନୂଆଗାଁ ଓ ଶ୍ୟାମସୁନ୍ଦରପୁରରେ ଭିତ୍ତିଭୂମିର ଅଗ୍ରଗତି ସମୀକ୍ଷା କରିଥିଲେ। ଏଥିରେ ବିଡିଏ ୬୦ କିଲୋମିଟର ଗମନାଗମନ ରାସ୍ତା ଓ ୬୪.୯ କିଲୋମିଟର ଡ୍ରେନେଜ୍ କାମ ଶେଷ କରିବା ସହ ୨୯ଟି କଲ୍‌ଭର୍ଟ ତିଆରି ଓ ୪ କିଲୋମିଟର ରାସ୍ତାରେ ପିଚୁ କାମ ହୋଇଥିବା ନେଇ ଏହି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପଟେ ଟିପି-୮ ଯୋଜନା ଅଧୀନରେ ଅନ୍ଧାରୁଆ ଓ ଦାସପୁର ଜମି ମାଲିକଙ୍କ ଆପତ୍ତି ଓ ପରାମର୍ଶ ଉପରେ ଶୁଣାଣି ଚାଲିଥିବା ନେଇ ସମ୍ପୃକ୍ତ ବୈଠକରେ ଅଧିକାରୀମାନେ ଉପାଧ୍ୟକ୍ଷଙ୍କୁ ସୂଚନା ଦେଇଥିଲେ।

ଏହା ସହିତ ବିଡିଏ ଜୋନ୍-୪ରେ ୧୪ଟି ନୂଆ ସହର ପରିକଳ୍ପନା (ଟିପି ସ୍କିମ୍) ଆରମ୍ଭ କରିବାକୁ ଯୋଜନା କରୁଛି, ଯାହା ସହରର ଭିତ୍ତିଭୂମିକୁ ଆହୁରି ଅଧିକ ସୁଦୃଢ଼ କରିବ। ସହର ପରିକଳ୍ପନା (ଟିପି ସ୍କିମ୍)ର କାମକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଉପାଧ୍ୟକ୍ଷ ଡ. ନାୟକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସେ ନିୟମିତ ଅଗ୍ରଗତି ସମୀକ୍ଷା ଉପରେ ଜୋର୍ ଦେଇଛନ୍ତି। ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ଯୁଗ୍ମ କମିଶନର (ଟିପି) ଭବତରଣ ସାହୁ ଏବଂ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ସହର ପରିକଳ୍ପନା (ଟିପି ସ୍କିମ୍)ରେ ଜମି ମାଲିକମାନେ ୪୦ ପ୍ରତିଶତ ଜମି ନଗର ଭିତ୍ତିଭୂମି ପାଇଁ ଦେବେ ଓ ୬୦ ପ୍ରତିଶତ ଜମି (ଟିପି) ଅଞ୍ଚଳ ଭାବେ ରହିବ। ଏହି ଯୋଜନାରେ ରାସ୍ତା (ସର୍ବନିମ୍ନ ୯ ମିଟର ଚଉଡ଼ା), ନାଳ, ଜଳ ଯୋଗାଣ, ସ୍ୱେରେଜ୍ ଓ ବିଦ୍ୟୁତ୍ ସୁବିଧା ମିଳିବ। ଏହାଦ୍ୱାରା ଜମିର ମୂଲ୍ୟ ବଢ଼ିବ ଓ ଭିତ୍ତିଭୂମିର ଉନ୍ନତି ଭଲ ହେବ। ୨୦୧୦ କମ୍ପ୍ରେନ୍‌ସିଭ୍ ଡେଭଲପମେଣ୍ଟ ପ୍ଲାନ୍ (ସିଡିପି) ଅନୁସାରେ ଭୁବନେଶ୍ୱର ଉନ୍ନୟନ ଅଞ୍ଚଳରେ ୬୪.୯ କିଲୋମିଟର ରିଙ୍ଗ୍ ରୋଡ୍ ପ୍ରସ୍ତାବ ହୋଇଥିଲା। ଏହାକୁ ସଫଳ କରିବା ପାଇଁ ବିଡିଏ ୫୮ ଗାଁରେ ୪୫ଟି ଟିପି ଯୋଜନା କରୁଛି। ଯାହା ଜମି ଅଧିଗ୍ରହଣ କମିବା ସହ ସହର ପାଖ ଅଞ୍ଚଳରେ ଉନ୍ନୟନକୁ ଅଧିକ ତ୍ୱରାନ୍ୱିତ କରିବ। ସହର ପରିକଳ୍ପନା ଯୋଜନା (ଟିପି ସ୍କିମ୍)ର ମୂଳ ଉଦ୍ଦେଶ୍ୟ ହେଉଛି ବିଭିନ୍ନ ମାଲିକଙ୍କ ଜମିକୁ ଏକାଠି କରି ତାକୁ ସଂଗଠିତ ଭାବେ ବଣ୍ଟନ କରିବା। ଏଥିରେ ଖୋଲା ଜାଗା, ସାମାଜିକ ଭିତ୍ତିଭୂମି, ଆର୍ଥିକ ଅନଗ୍ରସରଙ୍କ ପାଇଁ ଘର ଓ ରାସ୍ତା ପାଇଁ ଜମି ସଂରକ୍ଷିତ କରିବା।



# ଭୁବନେଶ୍ୱର ସିଟି



# ନାରୀ ନିର୍ଯାତନା ପ୍ରସଙ୍ଗରେ ଗୃହ କମିଟି ଗଠନ ହେଉ

## ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନକଲେ ୪ ବାମ ଦଳ

ଭୁବନେଶ୍ୱର, ୨୯।୩(ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ଉପଲକ୍ଷେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କୁ ୪ଟି ବାମପନ୍ଥୀ ଦଳର ରାଜ୍ୟ ନେତୃବୃନ୍ଦ ରାଜଭବନରେ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟପାଳଙ୍କୁ ସମସ୍ତ ବିଷୟ ଅବଗତ କରିଛନ୍ତି। ଏଥିସହ ରଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ଦାବି ସହିତ ସଂସଦୀୟ ଗଣତନ୍ତ୍ରର ସୁରକ୍ଷା ପାଇଁ ମିଳିତ ସଂଗ୍ରାମ ନିମନ୍ତେ ଦଳମାନେ ଆହ୍ୱାନ ଦେଇଛନ୍ତି। ମହିଳା ସୁରକ୍ଷା ସଂଗ୍ରାମ ପ୍ରତି ବାମପନ୍ଥୀ ଦଳମାନେ ପୂର୍ଣ୍ଣ ସମର୍ଥନ ଘୋଷଣା କରିଛନ୍ତି। ୧୪ ଜଣ କଂଗ୍ରେସ ବିଧାୟକଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରି ବିଧାନସଭାରେ ସୁସ୍ଥ ଗଣତାନ୍ତ୍ରିକ ବାତାବରଣ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି।



କଂଗ୍ରେସ ତରଫରୁ ନାରୀ ନିର୍ଯାତନା ବିରୋଧରେ ଗତ ୨୭ ତାରିଖରେ ବିଧାନସଭା ସମ୍ମୁଖରେ ସଂଗଠିତ ହୋଇଥିବା ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ପୁଲିସ ଦମନ, ଶାରୀରିକ ଆକ୍ରମଣ, ପାଣିମାଡ଼, ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ଏବଂ ନିର୍ମମ ଲାଠିଚାଳନା ଅତ୍ୟନ୍ତ ଉଦ୍‌ବେଗଜନକ ଏବଂ ନିନ୍ଦନୀୟ ଘଟଣା। ପୁଲିସ ମହାନିର୍ଦ୍ଦେଶକ ଗଣମାଧ୍ୟମରେ ଦେଇଥିବା ମନ୍ତବ୍ୟ ପ୍ରତିହିଂସା ପରାୟଣ, ଅଗଣତାନ୍ତ୍ରିକ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ପୁଲିସ ନିଜର ଅପାରଗତା ଏବଂ ବିଫଳତାକୁ ଘୋଡ଼ାଇବା ପାଇଁ ଏହିଭଳି ଆକ୍ରୋଶମୂଳକ ମନ୍ତବ୍ୟ ଦେଇଛନ୍ତି। ଏହାକୁ ରାଜ୍ୟବାସୀ ବରଦାସ୍ତ କରିବେ ନାହିଁ। ରାଜ୍ୟ ତମାମ ମିଳିତ ପ୍ରତିବାଦ ପାଇଁ ଆହ୍ୱାନ ଦିଆଯାଇଛି। ରଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କଂଗ୍ରେସ ବିଧାୟକମାନେ ବିଧାନସଭାରେ ପ୍ରତିବାଦ ଆନ୍ଦୋଳନ କରିବା ଯୋଗୁଁ ସେମାନଙ୍କୁ ନିଲମ୍ବନ କରାଯାଇଛି। ଏହା ଅନ୍ୟାୟ, ଅଗଣତାନ୍ତ୍ରିକ ଏବଂ ଅସାମ୍ବିଧାନିକ ଅଟେ। ମହିଳା ନିର୍ଯାତନା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ତୁରନ୍ତ ଗୃହ କମିଟି ଗଠନ ହେବା ଜରୁରୀ ବୋଲି ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍) ଲିବରେସନ ରାଜ୍ୟ ନେତା ମହେନ୍ଦ୍ର ପରିଡ଼ା, ଫର୍‌ୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସମେତ ଜୟନ୍ତ ଦାସ ପ୍ରମୁଖ ସାମିଲ୍ ହୋଇଥିଲେ।



ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଗଣଧାରଣା

# ରଙ୍ଗତୂଳୀ କଳାକାରଙ୍କ ପକ୍ଷରୁ ବିଧାନସଭା ଘେରଉ




ଭୁବନେଶ୍ୱର, ୨୯।୩(ସମିସ): ଅଲ୍ ଓଡ଼ିଶା ପେଣ୍ଟିଙ୍ଗ୍ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏସନ ପକ୍ଷରୁ ୧୦ ଦଫା ଦାବି ନେଇ ଶନିବାର ବିଧାନସଭା ଘେରଉ କରାଯାଇଛି। ରାଜ୍ୟର ରଙ୍ଗତୂଳୀ କଳାକାରମାନେ ରାହମହଲ ଛକଠାରୁ ବାହାରି ବିଧାନସଭା ଧାରଣାସ୍ଥଳ ନିକଟରେ ପହଞ୍ଚିଥିଲେ। ରଙ୍ଗତୂଳୀ ଦ୍ୱାରା ପାରମ୍ପରିକ ପଦ୍ଧତିରେ ବିବାହ, ବ୍ରତଘର ଆଦି ମାଙ୍ଗଳିକ କାର୍ଯ୍ୟର ଚିତ୍ର ଆଙ୍କିବାଠାରୁ ଆରମ୍ଭ କରି ସାଇନ୍ ବୋର୍ଡ, କପଡ଼ା ବ୍ୟାନର, ପ୍ରାଚୀର ଲିଖନ, ମନ୍ଦିର, ମୂର୍ତ୍ତି ଓ ଚିତ୍ର ମାଧ୍ୟମରେ ସହରର ସୌନ୍ଦର୍ଯ୍ୟକରଣ ଆଦି ବିଭିନ୍ନ କାର୍ଯ୍ୟକରି ନିଜେ ବଞ୍ଚିବା ସହିତ ପରିବାରର ଗୁଜୁରାଣ ମେଣ୍ଟାଇ ଆସୁଥିବା ଏହି କଳାକାରମାନେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ସରକାରଙ୍କ କଳାକାର ଭତ୍ତା ଯୋଜନା, ବିଶ୍ୱକର୍ମା ଯୋଜନାରେ ଏମାନଙ୍କୁ ସାମିଲ୍ କରାଯାଇ ନାହିଁ। ସଂଗଠନ ପକ୍ଷରୁ ୨୦୧୫ରୁ ରାଜ୍ୟର ରଙ୍ଗତୂଳୀ କଳାକାରମାନେ ସେମାନଙ୍କ ସମସ୍ୟା ଓ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲେ ବି କୌଣସି ସୁଫଳ ମିଳିନାହିଁ। କେବଳ କିଛି ଯୋଜନାରେ ରଙ୍ଗତୂଳୀ କଳାକାରଙ୍କୁ କର୍ମ ନିଯୁକ୍ତି ଦିଆଯାଇଛି କିନ୍ତୁ ସଠିକ୍ ବ୍ୟବସ୍ଥା ନ ଥିବାରୁ ଅଧିକାଂଶ ଶୋଷଣର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରଙ୍ଗତୂଳୀ କଳାକାରଙ୍କ ପାଇଁ ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଗଠନ, ସାମାଜିକ ସୁରକ୍ଷା, କଳାକାର ଭତ୍ତା, ବିଶ୍ୱକର୍ମା ଯୋଜନାରେ ସାମିଲ୍ ଆଦି ୧୦ଦଫା ଦାବିପତ୍ର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଏହି ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସାଧାରଣ ସମ୍ପାଦକ ରଞ୍ଜନ ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଉପସଭାପତି ରମେଶ ଦାସାରି, ରାଜ୍ୟ କମିଟି ସଦସ୍ୟ ଦୁର୍ଗାମାଧବ ସାହୁ, ଗୁରୁଦେବ ପାତ୍ର, ହରିହର ସାହୁ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଭୁବନେଶ୍ୱର, ୨୯।୩(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍, ଏନ୍‌ସିସି ଓ ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଝୁମ୍‌କୀ ରଥ ଶିବିରକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ରକ୍ତଦାନର ମହତ୍ତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ଯୁବ ରେଡ୍‌କ୍ରସ୍‌ର କାଉନ୍‌ସେଲର ଅଧ୍ୟାପିକା ଲେଖା ଦାସ ଶିବିର ସଂଯୋଜନା କରିଥିଲେ ଓ ଏନ୍‌ସିସି ଅଫିସର ଡା. ସୁଜିତ୍ ମିଶ୍ର, ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଡ. କଲ୍ୟାଣୀ ବିଶ୍ୱାଳ, ଯୁବ ରେଡ୍‌କ୍ରସ୍ ସହଯୋଗୀ ପରାମର୍ଶଦାତା ମିଲନ୍ ତାହ୍ ସହଯୋଗ କରିଥିଲେ। ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ଶାଖା, ବ୍ଲଡ୍ ବ୍ୟାଙ୍କ ଦ୍ୱାରା ପରିଚାଳିତ ଏହି ଶିବିରରେ ସମୁଦାୟ ୬୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ଶିବିରରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



# ସ୍ଥାୟୀ ନିଯୁକ୍ତି ଦାବିରେ ଏଆଇଡିୱାଇଓ ପକ୍ଷରୁ ବିକ୍ଷୋଭ




ଭୁବନେଶ୍ୱର, ୨୯।୩(ସମିସ): ବିଭିନ୍ନ ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ୍(ଏଆଇଡିୱାଇଓ) ଓଡ଼ିଶା ରାଜ୍ୟ କମିଟି ଉଦ୍ୟୋଗରେ ଶନିବାର ଏକ ରାଜ୍ୟସ୍ତରୀୟ ଯୁବ ବିକ୍ଷୋଭ ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଶିକ୍ଷା, ସ୍ୱାସ୍ଥ୍ୟ, ରେଳସେବା, ବ୍ୟାଙ୍କ ସେବା ସମେତ ସମସ୍ତ ବିଭାଗରେ ଖାଲି ପଡ଼ିଥିବା ପଦଗୁଡ଼ିକ ଅବିଲମ୍ବେ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ସମସ୍ତ ବେକାରୀଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଏବଂ ନିଯୁକ୍ତି ଦେବା ପର୍ଯ୍ୟନ୍ତ ବେକାରୀ ଭତ୍ତା ପ୍ରଦାନ କରିବା ଓ ବିଭିନ୍ନ ବିଭାଗରେ ଠିକା ନିଯୁକ୍ତି ବନ୍ଦ କରିବା, ନିଯୁକ୍ତି ପାଇଁ ବିଭିନ୍ନ ସଂସ୍ଥା ମାଧ୍ୟମରେ ପରିଚାଳିତ ହେଉଥିବା ପରୀକ୍ଷାରେ ଦୁର୍ନୀତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ଟେଲିକମ୍ କମ୍ପାନୀଗୁଡ଼ିକର ଲଗାମଛଡ଼ା ଟାରିଫ୍ ବୃଦ୍ଧି ବନ୍ଦ କରିବା ଏବଂ ଇନ୍‌କମିଂ କଲ୍ ସମ୍ପୂର୍ଣ୍ଣ ଦେୟମୁକ୍ତ କରିବା, ମଦ, ଡ୍ରଗ୍‌ସ ସମେତ ସମସ୍ତ ମାଦକଦ୍ରବ୍ୟର କାରବାର ନିଷିଦ୍ଧ କରିବା ଏବଂ ଅଶ୍ଳୀଳତା, ନଗ୍ନତାର ପ୍ରଚାରପ୍ରସାର ବନ୍ଦ କରିବା ଆଦି ଦାବି କରାଯାଇଛି। ସଂଗଠନର ରାଜ୍ୟ ସଭାପତି ମାନସ ପାଲଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସର୍ବଭାରତୀୟ କମିଟିର ସଭାପତି ନିରଞ୍ଜନ ନସ୍କର ଏବଂ ସମ୍ପାଦକ ମଣ୍ଡଳୀ ସଦସ୍ୟ ମଳୟ ପାଲ୍ ଯୋଗଦେଇ ଦେଶର ବେକାରୀ ସମସ୍ୟାର ଉତ୍କଟ ରୂପ ବର୍ଣ୍ଣନା କରିବା ସହିତ ସରକାରଙ୍କ ନିଯୁକ୍ତି ନୀତିକୁ ସମାଲୋଚନା କରିଥିଲେ। ସମସ୍ତ ବିଭାଗରେ ଖାଲି ପଡ଼ିଥିବା ପଦଗୁଡ଼ିକ ତୁରନ୍ତ ପୂରଣ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ କେଦାରନାଥ ସାହୁ, କୋଷାଧ୍ୟକ୍ଷ ଚୈତନ୍ୟ ମହାରଣାଙ୍କ ସମେତ ସୁବାସ ମଲ୍ଲିକ, ମନୋଜ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସମ୍ପାଦକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଗିଫ୍ଟ ସ୍ୱୟଂଶାସିତ କଲେଜର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୯।୩(ସମିସ): ଗିଫ୍ଟ ସ୍ୱୟଂଶାସିତ କଲେଜର ବାର୍ଷିକ ଉତ୍ସବ ଲେଲିହାନ-୨୦୨୫ ପାଳିତ ହୋଇଯାଇଛି। ଉକ୍ତ ମହୋତ୍ସବରେ କଲେଜର ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ଡିନ୍ ଏକାଡେମିକ୍ ଡ. ଆର୍.ଏନ୍. ପଣ୍ଡା, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଉପାଧ୍ୟକ୍ଷ ଡ. ଦେବେନ୍ଦ୍ର ପଣ୍ଡା, ଓଏସ୍‌ଡି ଇଂ. ସମୀର ରଞ୍ଜନ ପଣ୍ଡା, ଷ୍ଟୁଡେଣ୍ଟ ୱେଲ୍‌ଫେୟାର ପ୍ରଫେସର ସୌମେନ୍ଦ୍ର ବେହେରା, ଏସ୍‌ପିଓସି ଇଂ. ଅଭିଜିତ୍ ମଙ୍ଗରାଜ ଉପସ୍ଥିତ ରହି ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୧୦ ବର୍ଷ କାର୍ଯ୍ୟ କରିଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ର. ବିସ୍ମିତା ବିଶ୍ୱାଳ, ପ୍ର. ଦୀପ୍ତି ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ




ଭୁବନେଶ୍ୱର, ୨୯।୩(ସମିସ): ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନଗିରିର ଗାନ୍ଧୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବାବେଳେ ଦୂରଦର୍ଶନର ପୂର୍ବତନ ସମାଚାର ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର ଓ ବାଗ୍ମୀ ପ୍ରବୀର ମହାନ୍ତି ଅତିଥି ଭାବେ ଯୋଗଦେଇ ବରପୁତ୍ରଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ସଂଯୋଜନା କରିଥିବାବେଳେ ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ଶାଖା ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ ଓ ଅକ୍ଷୟ କୁମାର ଜେଠୀ, ଭୁବନେଶ୍ୱର ଶାଖା ସମ୍ପାଦକ ଶିବବ୍ରତ ମହାନ୍ତି, ମହେଶ୍ୱର ବିଶ୍ୱାଳ, ବାସନ୍ତୀ ତ୍ରିପାଠୀ, ସୁରଜିତ ପରିଡ଼ା, ଅନୁପମା ବେହେରା, ରାମଚନ୍ଦ୍ର ସାମଲ, ରମେଶ ଚନ୍ଦ୍ର ପାତାଳସିଂ, ମନୋରଞ୍ଜନ ମହାନ୍ତି, ରତ୍ନାକର ଜେନା ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# କ୍ୟାପିଟାଲ ଓକିଲ ସଂଘ ନିର୍ବାଚନ

ଝାଁଳା, ୨୯।୩(ସମିସ): କ୍ୟାପିଟାଲ ଓକିଲ ସଂଘ ପରିଚାଳନା ସମିତିର ୨୦୨୫-୨୬ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଭାବେ ଆଇନଜୀବୀ ଗୋବିନ୍ଦ ପଟ୍ଟନାୟକ ନିର୍ବାଚିତ ହୋଇଥିବା ସ୍ଥଳେ, ଆଇନଜୀବୀ ଦାତାରାମ ଅଶୋକ କୁମାର ମଙ୍ଗରାଜ କାର୍ଯ୍ୟକାରୀ ସଭାପତି, ପ୍ରଶାନ୍ତ କୁମାର ଦାସ ଉପସଭାପତି, ଲକ୍ଷ୍ମୀକାନ୍ତ ଚୌଧୁରୀ ସମ୍ପାଦକ ଏବଂ ନିରୋଜ କୁମାର ମହାନ୍ତି ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଲକ୍ଷ୍ମୀଧର ବିଶ୍ୱାଳ, ସୁଶୀଲ ଛୁଆଳସିଂହ, ମଧୁମାଳା ବିଶୋଇ ଏବଂ ସୁରେଶ କୁମାର ରଥ କାର୍ଯ୍ୟକାରୀ ସଦସ୍ୟ ରୂପେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ନିର୍ବାଚନ ଅଧିକାରୀ ଭାବେ ଉକ୍ତ ନିର୍ବାଚନ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ନରଣପୁର ଦିବାରାତ୍ର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ୪-୦ ଗୋଲ୍‌ରେ ବଉଳକୁଦ ବିଜୟୀ




ନନ୍ଦନକାନନ, ୨୯।୩(ସମିସ): ବାରଙ୍ଗ ନରଣପୁର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍ ଜେଡି କ୍ଲବ୍, ଭୁବନେଶ୍ୱର ଓ କଟକ ବଉଳକୁଦ ମଧ୍ୟରେ ହୋଇଥିଲା। ବଉଳକୁଦ ୪-୦ ଗୋଲ୍‌ରେ ଭୁବନେଶ୍ୱରକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଗଣ୍ଡରପୁର ୩-୦ ଗୋଲ୍‌ରେ ଗୋବିନ୍ଦପୁରକୁ ହରାଇ ୮ମ ପର୍ଯ୍ୟାୟକୁ ପ୍ରବେଶ କରିଛି। ଏହି ଖେଳରେ ମୁଖ୍ୟ ଅତିଥିଭାବେ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମଧୁପୁର ପୂର୍ବତନ ସରପଞ୍ଚ ଗୋବିନ୍ଦ ସ୍ୱାଇଁ, ସମାଜସେବୀ ହେଇମବତୀ ନନ୍ଦନ ଚକ୍ରବର୍ତ୍ତୀ, ଓଡ଼ିଶା ଫୁଟ୍‌ବଲ୍ ଦଳର କୋଚ୍ ଲିପେନ୍ ଦାସ, ଆଶିଷ ମହାନ୍ତି ଯୋଗଦେଇଥିଲେ। ଖେଳକୁ ରେଫରୀ ବିଜୟ ମଙ୍ଗରାଜ, ପ୍ରିୟବ୍ରତ ବାହିନୀପତି, ଅବ୍‌ଦୁଲ ମାର୍ଟିନ୍, ଜ୍ୟୋତିରଞ୍ଜନ ସ୍ୱାଇଁ, ସୁଦିପ ଦାସ ଓ ବ୍ରହ୍ମାନନ୍ଦ ଭୋଇ ପରିଚାଳନା କରିଥିବାବେଳେ ରଙ୍କନିଧି ରାଉତ ଓ ସୁରେଶ ମହାନ୍ତି ଧାରାବିବରଣୀ ଦେଇଥିଲେ। କ୍ଲବ୍‌ର ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ଦୀପକ ରାଉତ, କୋଷାଧ୍ୟକ୍ଷ ଧୀରେନ୍ଦ୍ର ବିଶ୍ୱାଳ, ପ୍ରଭାକର ରାଉତ, ରଞ୍ଜନ ସାହୁ, ଭରତ ସ୍ୱାଇଁ, ରାଜେନ୍ଦ୍ର ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।

## ରଣରଙ୍ଗା ପାଇକଙ୍କ ରଣହୁଙ୍କାର

# ମାର୍ଚ୍ଚ ୨୯କୁ 'ପାଇକ ବିଦ୍ରୋହ ଦିବସ' ଘୋଷଣା ଦାବି

**ପାଇକ ଆଖଡ଼ାକୁ ରାଜ୍ୟ କ୍ରୀଡ଼ାର ମାନ୍ୟତା ଦାବି**

ଭୁବନେଶ୍ୱର, ୨୯।୩(ସମିସ): ଶନିବାର ରାଜ୍ୟସ୍ତରୀୟ ୨୦୮ତମ ପାଇକ ବିଦ୍ରୋହ ଦିବସ ରାଜ୍ୟ ସଂଯୋଜକ ପାଇକଗୁରୁ କେଦାର ଦାସଙ୍କ ପୌରୋହିତ୍ୟରେ କଳ୍ପନା ଛକରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ପାଖରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱ ହିନ୍ଦୁ ମହାସଭା ଗୀତା ଚଇନି ଅତିଥି ଭାବେ ଯୋଗଦେଇ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଆଜିର ଦିନରେ ଭାରତ ବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ 'ପାଇକ ବିଦ୍ରୋହ' ବାଣପୁର ମାଟିରେ ଆରମ୍ଭ ହୋଇଥିଲା ବୋଲି କହିଥିଲେ। ଏହି ଦିନକୁ ସମଗ୍ର ରାଜ୍ୟରେ ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ବୀରତ୍ୱର ଦିବସ ବା ପାଇକ ବିଦ୍ରୋହ ଦିବସ ଭାବରେ ପାଳନ କରିଥା'ନ୍ତି। ରାଜ୍ୟ ସରକାର ତୁରନ୍ତ ମାର୍ଚ୍ଚ ୨୯ ତାରିଖକୁ ପାଇକ ବିଦ୍ରୋହ ଦିବସ ଭାବରେ ପାଳନ କରିବା ସହିତ ପାଇକ ବିଦ୍ରୋହ ଦିବସ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ବରିଷ୍ଠ ପାଇକ ଗୁରୁ ତଥା ଖୋର୍ଦ୍ଧା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀ ଦାବି ଜଣାଇଛନ୍ତି। ପାଇକ ଆଖଡ଼ାକୁ ରାଜ୍ୟ କ୍ରୀଡ଼ାର ମାନ୍ୟତା ଦେବାକୁ ରାଜ୍ୟ ଉପଦେଷ୍ଟା ଡ. ଶଶାଙ୍କ ଶେଖର ଚୂଡ଼ାମଣି ଦାବି ଜଣାଇଛନ୍ତି।

ଆସନ୍ତା ମେ' ମାସରେ ଭୁବନେଶ୍ୱରରେ ଏକ ବିଶାଳ ପାଇକ ସମାବେଶ ହେବ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ଲକ୍ଷେ ପାଇକ ତରବାରୀ, ଢାଲ ସହିତ ଯୋଗଦେବାକୁ ରାଜ୍ୟ ସଂଯୋଜକ କେଦାର ଦାସ ଆହ୍ୱାନ କରିଛନ୍ତି। ଅବସରପ୍ରାପ୍ତ ପୁଲିସ ପ୍ରଶାସକ ବିଜୟ କୁମାର ଆଇଚ କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ଦାବି ଜଣାଇଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ଗଡ଼ଦୋକନ୍ଦା ଦଳବେହେରା, ମନୋରଞ୍ଜନ ପଶ୍ଚିମ କବାଟ, ବରିଷ୍ଠ ପାଇକ ଗୁରୁ ଭାସ୍କର ସୁନ୍ଦରାୟ, କଟକ ଜିଲ୍ଲା ସଭାପତି ରାଜକିଶୋର ବେହେରା, ଜଗତସିଂହପୁର ଜିଲ୍ଲା ସଭାପତି ବିଦ୍ୟାଧର ନାଏକ, ସୁକାନ୍ତ ଷଣ୍ଢ, ବାଣପୁର ଚିଲିକା ପାଇକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ବିଜୟ ବେହେରା, ପିପିଲି ସଭାପତି ଗୁଣନିଧି ବେହେରା, ନୟାଗଡ଼ ଜିଲ୍ଲା ପାଇକ ଗୁରୁ ଜେନା, ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ପାଇକ ଗୁରୁମାନେ ଯୋଗଦେଇଥିଲେ। ଶେଷରେ ପାତ୍ରପଡ଼ା ପାଇକ ଆଖଡ଼ା, ବେଲପଡ଼ା ପାଇକ ଆଖଡ଼ା, ପିପିଲି, କଣାସ ଆଖଡ଼ା ସଂଘ ପକ୍ଷରୁ ପାଇକ ଆଖଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



